### ଶୀତଳଷଷ୍ଠୀ ପାଇଁ ଶାନ୍ତି ଓ ସମନ୍ୱୟ ବୈଠକ

# ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ହେବ ସ୍ୱତନ୍ତ୍ର ପ୍ରସ୍ଥାନ ରୁଟ୍ ବ୍ୟବସ୍ଥା

ସମ୍ବଲପୁର, ୨୨।୫(ସମିସ)

ଆସନ୍ତା ଜୁନ୍ ୧୫ରୁ ଆରମ୍ଭ ହେବ ସମ୍ବଲପୁରର ପ୍ରସିଦ୍ଧ ପବିତ୍ର ଶୀତଳଷଷ୍ଠୀ ଯାତ୍ରା। ଯାତ୍ରା ଅତି ସୁନ୍ଦର, ଶୃଙ୍ଖଳିତ ଏବଂ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ଶାନ୍ତି ଓ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାତ୍ରାକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଗତ ବର୍ଷର ଶୀତଳଷଷ୍ଠୀ ଯାତ୍ରା ବିଭିନ୍ନ କମିଟି ଏବଂ ଜନସାଧାରଣଙ୍କ ସହଯୋଗରେ ଅତି ସୁଦୂରପ୍ରସାରୀ ଓ ସଫଳ ହୋଇଥିବାରୁ ଜିଲ୍ଲାପାଳ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଚଳିତ ବର୍ଷ ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଉଭୟ ସୁରକ୍ଷା ଓ ଶୃଙ୍ଖଳା ଉପରେ ସରକାର ଓ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ କହିଥିଲେ। ଯାତ୍ରାର ସଫଳ ପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ଶୀତଳଷଷ୍ଠୀ ଯାତ୍ରା କମିଟି ଗୁଡ଼ିକ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇଛି। ଯାତ୍ରା ସମୟରେ ଯେପରି ଗୋଟିଏ କମିଟି ଅନ୍ୟ କମିଟିର ଶୋଭାଯାତ୍ରା ଆଗରେ ସମସ୍ୟା ସୃଷ୍ଟି ନକରେ, ସେଥିପାଇଁ ସମୟସୀମା ଅନୁସରଣ କରିବାକୁ




କୁହାଯାଇଛି। ନନ୍ଦପଡ଼ା, ଝାଡୁଆପଡ଼ା ଏବଂ ବଡ଼ ସଡ଼କ ଭଳି ଅତ୍ୟଧିକ ଭିଡ଼ ହେଉଥିବା ଅଞ୍ଚଳରେ ଶ୍ରଦ୍ଧାଳୁମାନଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ପ୍ରସ୍ଥାନ ରୁଟ୍ ବ୍ୟବସ୍ଥା କରାଯିବ, ଯଦ୍ୱାରା ଜନସାଧାରଣ ସହଜରେ ଯାତ୍ରା ଦେଖି ବାହାରକୁ ଆସିପାରିବେ। ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା କରାଯିବ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ମହାନଗର ନିଗମ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ଖୋଲାଯିବ। ସହରର ବିଭିନ୍ନ ଛକରେ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରତି ପୂଜା କମିଟିକୁ ଓଆରଏସ୍ ପ୍ୟାକେଟ୍ ପ୍ରଦାନ ଏବଂ ଜରୁରୀକାଳୀନ ସେବା ପାଇଁ ମୋବାଇଲ୍ ଆମ୍ବୁଲାନ୍ସ ମୁତୟନ କରାଯିବ। ହୋଟେଲ ଓ ରେଷ୍ଟୁରାଣ୍ଟ ଗୁଡ଼ିକରେ ଖାଦ୍ୟର ମାନ ଯାଞ୍ଚ କରାଯିବ। ଉତ୍ସବ ସମୟରେ ସହରରେ ଅବିରତ ପାନୀୟ ଜଳ ଯୋଗାଣ କରାଯିବ। ୱାଟକୋ ଏବଂ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ସିଣ୍ଟେକ୍ସ ଟାଙ୍କି ଏବଂ ପ୍ରତ୍ୟେକ ଶୋଭାଯାତ୍ରା ପାଇଁ ଗୋଟିଏ ଲେଖାଏଁ ଜଳ ଟାଙ୍କରର ବ୍ୟବସ୍ଥା କରାଯିବ। ଏଥିସହ ଏନଜିଓ ମାନଙ୍କୁ ମଧ୍ୟ ଜଳ ଯୋଗାଣ କାର୍ଯ୍ୟରେ ସାମିଲ କରାଯିବ। ସହରରେ ୨୪ ଘଣ୍ଟିଆ ଅବିରତ ବିଦ୍ୟୁତ୍ ଯୋଗାଣ ପାଇଁ ଟିପିଡବ୍ଲୁକୁ ନିର୍ଦ୍ଦେଶ ଦିଆଯାଇଛି। ରାସ୍ତାକଡ଼ ଏବଂ ରିଙ୍ଗ୍ ରୋଡ୍‌ରେ ଅଧିକ ଆଲୋକର ବ୍ୟବସ୍ଥା ସହ ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ିକର ମରାମତି କରାଯିବ। ସମ୍ବଲପୁର ଏସପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ, ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯିବ। କୌଣସି ଆପତ୍ କାଳୀନ ପରିସ୍ଥିତି କୁ ରୋକିବା ପାଇଁ ଅଗ୍ନିଶମ ବାହିନୀ ସଜାଗ ରହିବେ। ଶୀତଳ ଷଷ୍ଠୀ ପାଇଁ ରାସ୍ତାଘାଟ ସଫେଇ, ଡ୍ରେନେଜ୍ ମରାମତି, ଉଚ୍ଛେଦ ଏବଂ ରାସ୍ତାରେ ଥିବା ଗଛର ଡାଳ କାଟିବା ଆଦି ସମସ୍ତ ପ୍ରାକ୍ ପ୍ରସ୍ତୁତି କାର୍ଯ୍ୟ ଶେଷ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସମୟବଦ୍ଧ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବଲପୁରର ଏହି ଗୌରବମୟ ସାଂସ୍କୃତିକ ଗଣପର୍ବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି।

## ଦୁଇ ଗାଡ଼ିରୁ ୧୧୬ କେଜି ଗଞ୍ଜେଇ ଜବତ; ୨ ଗିରଫ

ସମ୍ବଲପୁର, ୨୨।୫(ସମିସ): ସୋନପୁରରୁ ଗଞ୍ଜେଇ ବିହାର ଯାଉଛି। ତାହା ପୁଣି ସମ୍ବଲପୁର ସହର ଦେଇ। ଅନେକ ସମୟରେ ପୁଲିସ, ଅବକାରୀ ର୍‌ୟାକେଟ୍‌କୁ ପର୍ଦ୍ଦାଫାଶ କରୁଛନ୍ତି। ଶୁକ୍ରବାର ସମ୍ବଲପୁର ଅବକାରୀ ଗୁଇନ୍ଦା ବିଭାଗ ଦୁଇଟି ମାମଲାରେ ୧୧୬ କେଜି ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ପ୍ରଥମ ଘଟଣାରେ ଗୁଇନ୍ଦା ବିଭାଗ ଅଇଁଠାପାଲି ବୀର୍ସା ମୁଣ୍ଡା ଛକରୁ ଏକ କାର୍ ନଂ-ବିଆର୦୨ବିଇ୧୩୭୩ରୁ ୭୬ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ବିହାର ଔରଙ୍ଗାବାଦ ଜିଲ୍ଲା କୁଟୁମ୍ବା ଥାନା ଗୋସଲିୟାପୁରର ଅଜିତ କୁମାର(୧୯)କୁ ଗିରଫ କରିଛି। ସେହିପରି ଦ୍ୱିତୀୟ ଘଟଣାରେ ଅଇଁଠାପାଲି ଟ୍ରାଫିକ ପୋଷ୍ଟ ପାଖରୁ କାର୍ ନଂ-ଓଡି୦୨ବିଏନ୫୧୨୮ରୁ ୪୦ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ବିହାର ଔରଙ୍ଗାବାଦ ଥାନା ଇବ୍ରାହିମପୁରର ଦୀପକ କୁମାର(୨୮)କୁ ଗିରଫ କରିଛି। ଗିରଫ ପରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଦୁଇ ଗାଡ଼ିରେ ଗଞ୍ଜେଇ ସୋନପୁରରୁ ବିହାର ଯାଉଥିବା ଅବକାରୀ ଏସ୍‌ପି ଅଶୋକ କୁମାର ସେଠ ସୂଚନା ଦେଇଛନ୍ତି।

## ଏନ୍ଏସି ନୂଆ କୋଠା ପାଇଁ ଭୂମିପୂଜା

କୁଚିଣ୍ଡା, ୨୨।୫(ସମିସ): କୁଚିଣ୍ଡା ଏନ୍ଏସି ୱାର୍ଡ ନଂ ୫ ବରପଡ଼ାର ଶିଶୁ ଉଦ୍ୟାନ ଠାରେ ୬ କୋଟି ୫ଲକ୍ଷ ୬୦ହଜାର୨ଶହ ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ନୂତନ ଏନ୍ଏସି ଅଫିସ ବିଲଡିଂର ଭୂମିପୂଜା ଶୁକ୍ରବାର ସ୍ଥାନୀୟ ଏନ୍ଏସି ଅଧକ୍ଷ ପ୍ରଦ୍ୟୁତ କୁମାର ମହାନ୍ତିଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏନ୍ଏସି ଇଓ ମନୋରଞ୍ଜନ ସୁନା, କାଉନସିଲର ନବୀନ ହୋତାଙ୍କ ସମେତ କାଉନସିଲରଗଣ ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ଅସଦାଚରଣ କରି ବୃଦ୍ଧ ଗିରଫ

ସମ୍ବଲପୁର, ୨୨।୫ (ସମିସ): ଅଇଁଠାପାଲି ଥାନାଞ୍ଚଳରେ ନାବାଳିକାଙ୍କୁ ଅସଦାରଣ କରିଥିବା ଅଭିଯୋଗରେ ୬୫ ବର୍ଷୀୟ ବୃଦ୍ଧ ଗିରଫ ହୋଇଛନ୍ତି। ଘରେ କେହି ନଥିବା ସମୟରେ ୧୨ ବର୍ଷର ନାବାଳିକାଙ୍କୁ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଛି। ଘଟଣାରେ ଅଭିଯୁକ୍ତ ସରୋଜ ଦାସଙ୍କୁ ଗିରଫ କରାଯାଇଛି। ନାବାଳିକା ଜଣକ ତାଙ୍କ ମାଆ ଓ ପିଉସୀ ସହ ରହୁଥିଲେ। ମାଆଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ଥିବାରୁ ପିଉସୀ ଝିଅର ଦେଖାଶୁଣା କରନ୍ତି। ହେଲେ ପିଉସୀ ଘରେ ନଥିଲେ। ପୋଡ଼ଶୀ ସରୋଜଙ୍କୁ ଝିଅକୁ ଦେଖିବାକୁ କହିଥିଲେ। ଏହାର ସୁଯୋଗ ନେଇ ନାବାଳିକାଙ୍କ ସହ ଅସଦାଚରଣ କରିଥିଲେ ସରୋଜ। ଯାହାକୁ ନେଇ ପରିବାର ପକ୍ଷରୁ ଏତଲା ଦିଆଯାଇଛି। ଅଭିଯୁକ୍ତକୁ ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି।

## ଯୁବତୀଙ୍କ ନଗ୍ନ ଭିଡିଓ ଭାଇରାଲ କରି ଯୁବକ ଗିରଫ

ରେଢ଼ାଖୋଲ, ୨୨।୫(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କ ନଗ୍ନ ଭିଡିଓ ଭାଇରାଲ କରିଥିବା ଅଭିଯୋଗରେ ରେଢ଼ାଖୋଲ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣକ ଦେବଗଡ଼ ଜିଲ୍ଲା ସହର ୱାର୍ଡ ନଂ-୧୦ର ଗୁଡାଡିପାସାହିର ଶିବ ଶଙ୍କର ମୁଖୀ। ସୂଚନା ଯୋଗ୍ୟ ଯେ ଉକ୍ତ ଯୁବକ ଜଣଙ୍କ ଯୁବତୀ ସହିତ ପ୍ରେମ ନିବେଦନ କରିଥିଲେ। ଯୁବତୀଙ୍କ ବିବାହ ଠିକ୍ ହୋଇଥିବା



ଜାଣିବା ପରେ ଯୁବକ ଜଣଙ୍କ ଉତ୍ତ୍ୟକ୍ତ ହୋଇ ଯୁବତୀଙ୍କ ଅଶ୍ଳୀଳ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଫଳରେ ବରଘର ଜାଣିବା ପରେ ଯୁବତୀଙ୍କ ବାହାଘର ଭାଙ୍ଗି ଯାଇଥିଲା। ଏ ସଂକ୍ରାନ୍ତରେ ପରିବାର ଲୋକେ ରେଢ଼ାଖୋଲ ଥାନା ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ଘଟଣାର ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଉଥିବା ଜଣାପଡ଼ିଛି।

## ବିରାଟ ଯୁକ୍ତ ଦୁଇ ବିଜ୍ଞାନ କଲେଜର ସଫଳତା

ସମ୍ବଲପୁର, ୨୨।୫(ସମିସ): ପ୍ରକାଶିତ ଯୁକ୍ତ ଦୁଇ ପରୀକ୍ଷା ଫଳରେ ବରଗଡ଼ ଗୋଡଭଗାସ୍ଥିତ ବିରାଟ ଯୁକ୍ତ ଦୁଇ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭଲ ପ୍ରଦର୍ଶନ କରିଛି। ବିରାଟର ବହୁ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ଶ୍ରୁତି କ୍ଷେତ୍ରୀ ୯୪ ପ୍ରତିଶତ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। ସେହିପରି ସୁଲଗ୍ନା ପ୍ରଧାନ ୯୩%, ତ୍ରିବିକ୍ରମ ବାରିକ ୯୨%, ହେପି ସାହୁ ୯୧%, ରୋଶନୀ ସେଠ ୯୧%, ପ୍ରତ୍ୟୁଷ କୁମାର ବିଶି ୯୧%, ଜଶ୍ମିନ ସାହୁ ୯୦%, ପୂଜା ମିର୍ଦ୍ଧା ୯୦% ଓ ପୁରୁଷୋତ୍ତମ ଛନ୍ଦ ୯୦% ମାର୍କ ରଖି ବିରାଟ କଲେଜ ତଥା ଅଭିଭାବକଙ୍କୁ ଗୌରବାନ୍ୱିତ କରିଛନ୍ତି। ପ୍ରକାଶ ଥାଉକି ଅଧିକାଂଶ ବିଦ୍ୟାର୍ଥୀ ଦଶମ ପରୀକ୍ଷାର ମାର୍କରୁ ଯୁକ୍ତ ଦୁଇ ପରୀକ୍ଷାରେ ପାଇଥିବା ମାର୍କ ଅଧିକ ରହିଛି। ଯାହା ପାଇଁ ଅଭିଭାବକ ମାନେ କଲେଜ କର୍ତ୍ତୃପକ୍ଷଙ୍କୁ ଏହି ଶ୍ରେୟ ଦେଇଛନ୍ତି। କଲେଜର ପଢ଼ାଶୈଳୀକୁ ସମସ୍ତେ ପ୍ରଶଂସା କରିଛନ୍ତି। ଅନୁଷ୍ଠାନ ପକ୍ଷରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ୟୁଥ୍ ଫର୍ ୱାଟର୍ ଇଣ୍ଡିଆ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

ସମ୍ବଲପୁର, ୨୨।୫(ସମିସ): ବିଶ୍ୱ ଜୀବ ବିବିଧତା ଦିବସ ଅବସରରେ ସମ୍ବଲପୁରର ହରଡ଼ ଝର ଅଞ୍ଚଳରେ ୟୁଥ୍ ଫର୍ ୱାଟର୍ ଇଣ୍ଡିଆ ପକ୍ଷରୁ 'ଆମ ଜଳାଶୟ, ଆମର ଗୌରବ' ଅଭିଯାନ



ଅନ୍ତର୍ଗତ ମେଗା ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଥିଲା। ଅଭିଯାନରେ ପ୍ରାୟ ୫୦୦ ମିଟର ଅଞ୍ଚଳ ପରିଷ୍କାର କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁରର ବିଭିନ୍ନ କଲେଜର ୬୦ରୁ ଅଧିକ ଛାତ୍ରଛାତ୍ରୀ ସକ୍ରିୟ ଅଂଶଗ୍ରହଣ କରି ପରିବେଶ ସୁରକ୍ଷା ଓ ଜଳାଶୟ ସଫା ରଖିବା ପାଇଁ ସମୂହ ପ୍ରୟାସ କରିଥିଲେ। କାର୍ଯ୍ୟକ୍ରମ ମସୁଦ ଆଲମ, ୟୁଥ୍ ଫର୍ ୱାଟର୍ ଇଣ୍ଡିଆର କୋର୍ ଭଲେଣ୍ଟିୟର ଓ ଗ୍ରୀନ୍ ପିକନିକ୍ ଫେଲୋଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ହୀରାକୁଦ କଲେଜର ଅଧ୍ୟାପକ ଏସ୍‌କେ. ଫୈଜାନ, ଏସଏମସିର ସିନିୟର ସାନିଟେସନ୍ ଏକ୍ସପର୍ଟ ପ୍ରଶାନ୍ତ କୁମାର ବେହେରା ଏବଂ ସାନିଟାରି ଇନ୍ସପେକ୍ଟର ବୈବସ୍ୱତା ସାହୁ ପ୍ରମୁଖ ଯୋଗ ଦେଇଥିଲେ।

### ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଲେ ଯୋଗାଣ ମନ୍ତ୍ରୀ

## ଚାଷୀ ସମସ୍ୟା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା

ସମ୍ବଲପୁର, ୨୨।୫(ସମିସ): ସମ୍ବଲପୁର ଜିଲ୍ଲା ଗସ୍ତରେ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆସି ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପରେ ସ୍ଥାନୀୟ ବିକାଶ ଓ ଚାଷୀଙ୍କ ସମସ୍ୟା ସମ୍ପର୍କରେ ସମୀକ୍ଷା ବୈଠକ କରିଛନ୍ତି। ମନ୍ତ୍ରୀ ଶ୍ରୀ ପାତ୍ର ସମ୍ବଲପୁରର ସର୍ବାଙ୍ଗୀନ ବିକାଶ ଏବଂ ସମସ୍ତ ପ୍ରତିନିଧିଙ୍କ ସହ ଆଲୋଚନା କରି ଆଗାମୀ ଦିନରେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ଚାଷୀ ଓ ମଣ୍ଡି ସମସ୍ୟା ସମ୍ପର୍କରେ ମନ୍ତ୍ରୀ କହିଛନ୍ତି ଯେ, ଚଳିତ ଖରିଫ୍ ଋତୁରେ ଧାନ କିଣା ପ୍ରକ୍ରିୟା ସୁରୁଖୁରୁରେ ସରିଥିବା ବେଳେ ରବି ଋତୁ ପାଇଁ ମଧ୍ୟ ଧାନ ସଂଗ୍ରହ ଆରମ୍ଭ ହୋଇସାରିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୧ ଲକ୍ଷ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଧାନ କିଣା ସରିଛି ଏବଂ ଚାଷୀଙ୍କ ଆକାଉଣ୍ଟକୁ ସେମାନଙ୍କର ପ୍ରାପ୍ୟ ଟଙ୍କା ପଠାଇବା ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି। ଚାଷୀଙ୍କ ଦାବି ମୁତାବକ ସମସ୍ତ ପର୍ଯ୍ୟାୟର ଟୋକନ ଯେପରି ଏକକାଳୀନ ଉପଲବ୍ଧ ହେବ, ସେଥିପାଇଁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଦୁଇ-ତିନି ଦିନ ମଧ୍ୟରେ ସମସ୍ତ ଯୋଗ୍ୟ ଚାଷୀଙ୍କ ପାଖକୁ ସେମାନଙ୍କର ଟୋକନ ଆସିଯିବ। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସୂଚନା ଅନୁଯାୟୀ, ଚଳିତ ରବି ଋତୁ ପାଇଁ ଆବଶ୍ୟକ ଥିବା ପ୍ରାୟ ୧୬ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟଧାର୍ଯ୍ୟକୁ ସରକାର ନିଶ୍ଚିତ ଭାବେ ପୂରଣ କରିବେ ବୋଲି କହିଥିଲେ। ଧାନର ସଠିକ୍ ଗୁଣବତ୍ତା ବଜାୟ ରଖିବା ପାଇଁ ଆନାଲାଇଜର ମେସିନ ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି। ବୈଠକରେ ସାଂସଦ ସମ୍ବଲପୁରଙ୍କ ପ୍ରତିନିଧି ନାଉରୀ ନାୟକଙ୍କ ସମେତ ଯୋଗାଣ ବିଭାଗ, ସମବାୟ ବିଭାଗ, ପ୍ଲାନିଂ ବିଭାଗର ଅଧିକାରୀ ଓ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଜିଲ୍ଲାର ସାମ୍ପ୍ରତିକ ସ୍ଥିତି ଏବଂ ବିଭିନ୍ନ ସରକାରୀ ଯୋଜନାର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଜିଲ୍ଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ସଫଳତାର ସହ ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୧.୫ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇସାରିଛି। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଯେପରି ରାସନ କାର୍ଡ ପହଞ୍ଚିବ, ସେଥିପାଇଁ ପ୍ରଚେଷ୍ଟା ଚାଲିଛି ବୋଲି ଜିଲ୍ଲାପାଳ କହିଥିଲେ।

### ■ ଆର୍ଏମ୍ସିର ବାୟୋ ଟଏଲେଟ୍ କିଣାରେ ଅନିୟମିତତା ଅଭିଯୋଗ

## ବିନା ଟେଣ୍ଡରରେ କିଣା ଯାଇଛି ସାମଗ୍ରୀ

କୁଚିଣ୍ଡା, ୨୨।୫(ସମିସ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଆରଏମ୍ସି ଦ୍ୱାରା ଗତ ଖରିଫ ଋତୁରେ ଧାନ ମଣ୍ଡି ପାଇଁ ଅନେକ ସାମଗ୍ରୀ କିଣା ଯାଇଛି। ଏଥିରେ ବାୟୋ ଟଏଲେଟ ମଧ୍ୟ ରହିଛି, ମାତ୍ର ବାଓ ଟଏଲେଟ କିଣାରେ ବ୍ୟାପକ ଅନିୟମିତତା ହୋଇଥିବା ସନ୍ଦେହ ସୃଷ୍ଟି ହୋଇଛି। ବାଓ ଟଏଲେଟ କିଣା ବାବଦରେ ସୂଚନା ଅଧିକାର ଆଇନରେ ତଥ୍ୟ ପାଇଁ ଆବେଦନ କଲେ ମଧ୍ୟ ଆରଏମ୍ସି ସମ୍ପାଦକ ସୁଧୀର ନାୟକ ତଥ୍ୟ ଦେଉ ନ ଥିବାରୁ ସନ୍ଦେହ ଆହୁରି ଦୃଢ଼ୀଭୂତ ହେଉଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଗତ ୨୦୨୫ - ୨୦୨୬ ଖରିଫ ଋତୁରେ ଧାନ କିଣା ସମୟରେ ମଣ୍ଡିର ସୁପରିଚାଳନା ପାଇଁ କୁଚିଣ୍ଡା ଆରଏମ୍ସି ପକ୍ଷରୁ ଅନେକ ସାମଗ୍ରୀ କିଣା ଯାଇଥିଲା। ଏହା ମଧ୍ୟରେ ବାଓ ଟଏଲେଟ ମଧ୍ୟ ରହିଛି। ମାତ୍ର ଏହି ବାଓ ଟଏଲେଟ କିଣିବା ବେଳେ ସମସ୍ତ ନୀତି ନିୟମକୁ ବେଖାତିର କରି ବିନା ଟେଣ୍ଡରରେ ଗୋଟିଏ ସଂସ୍ଥା ଠାରୁ କୋଟେସନ ଆଣି କ୍ରୟ କମିଟିର ବିନା ଅନୁମୋଦନରେ ଏବଂ ବଜାର ଦର ଠାରୁ ବହୁ ଅଧିକ ଟଙ୍କାରେ ସାମଗ୍ରି କିଣା ଯାଇଛି। ସରକାରୀ ନିୟନ୍ତ୍ରଣାଧୀନ ସଂସ୍ଥା ମାନଙ୍କରେ କୌଣସି ସାମଗ୍ରୀ କିଣିବା ପାଇଁ ଏକ ପ୍ରକ୍ରିୟା ରହିଛି। ପ୍ରଥମେ ଟେଣ୍ଡର ଆହ୍ୱାନ କରି ଅତି କମରେ ତିନୋଟି ସଂସ୍ଥାରୁ କୋଟେସନ ଆସିବା ପରେ ସଂସ୍ଥାର କ୍ରୟ କମିଟିର ସୁପାରିସ ଅନୁଯାୟୀ ସାମଗ୍ରୀ କିଣା ଯାଇଥାଏ। ମାତ୍ର କୁଚିଣ୍ଡା ଆରଏମ୍ସିରେ ଏହାକୁ ପାଳନ କରାଯାଇ ନାହିଁ। ସଂସ୍ଥାର ସମ୍ପାଦକ ସୁଧୀର ନାୟକ ଓଡ଼ିଶା କୋଅପରେଟିଭ ଫେଡେରେଶନ ଲିମିଟେଡକୁ ଗତ ୨୮.୧୧.୨୦୨୫ ଦିନ ତାଙ୍କର ପତ୍ର ସଂଖ୍ୟା ୧୦୬ ରେ ଚିଠି ଦେଇ ତାଙ୍କ ଠାରୁ କୁଚିଣ୍ଡା ଆରଏମ୍ସି ବାୟୋ ଟଏଲେଟ କିଣିବା ପାଇଁ ଆଗ୍ରହୀ ଥିବାରୁ ଏହାର ଦାମ ବାବଦରେ ଜଣାଇବାକୁ ଅନୁରୋଧ କରିଥିଲେ। ସଂସ୍ଥା ଗତ ୧.୧୨.୨୦୨୫ ଦିନ ବାୟୋ ଟଏଲେଟ ମୂଲ୍ୟ ୟୁନିଟ୍ ପ୍ରତି ଜିଏସ୍‌ଟି ମିଶାଇ ୮୦ ହଜାର ୫୫ ପଇସା ରହିଛି ବୋଲି ଚିଠି ଦେଇ କୁଚିଣ୍ଡା ଆରଏମ୍ସିକୁ ଜଣାଇଥିଲେ। ଆଶ୍ଚର୍ଯ୍ୟର କଥା ଯେ, ଆଉ କୌଣସି ସଂସ୍ଥା ଠାରୁ କୋଟେସନ ନ ଆଣି କିମ୍ବା ଏହାର ବଜାରଦର ବାବଦରେ ବୁଝାବୁଝି ନ କରି ସମ୍ପାଦକ ସମ୍ପୃକ୍ତ ସଂସ୍ଥାକୁ ୪୦ ଟି ବାୟୋ ଟଏଲେଟ ଯୋଗାଇ ଦେବାକୁ ଚିଠି ନଂ ୧୧୧/୧.୧୨.୨୦୨୫ ଦିନ ନିର୍ଦ୍ଦେଶ ଦେଇଦେଲେ। ସାମଗ୍ରୀର ମାନ କିମ୍ବା ବଜାର ଦର ଆକଳନ କରିବା ପାଇଁ କୌଣସି କ୍ରୟ କମିଟି ଗଠନ କରାଗଲା ନାହିଁ କି କ୍ରୟ କମିଟିର ଅନୁମୋଦନ ନିଆଗଲା ନାହିଁ। ବାୟୋ ଟଏଲେଟ ଯୋଗାଣକାରୀ ସଂସ୍ଥା ବାଓ ଟଏଲେଟରେ ଏକ ପେନ୍, ଗୋଟିଏ ୨୦୦ ଲିଟର ପାଣି ଟାଙ୍କି, ଗୋଟିଏ ଟେପ ଏବଂ ଗୋଟିଏ ଟ୍ୟାଙ୍କି ଦେଇଛି, ଯାହାର ଆନୁମାନିକ ବଜାର ମୂଲ୍ୟ ୨୦ ହଜାର ଟଙ୍କାରୁ ବି କମ ହେବ ବୋଲି ଆକଳନ କରାଯାଉଛି। ଏହା ପରେ ବି ସମ୍ପୃକ୍ତ ସଂସ୍ଥା ଠାରୁ କାହିଁକି ଏତେ ଅଧିକ ଟଙ୍କା ଦେଇ ବାୟୋ ଟଏଲେଟ କିଣା ଗଲା ତାକୁ ନେଇ ଜନସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଏହି ସାମଗ୍ରୀ ପାଇବା ପରେ ସମ୍ପୃକ୍ତ ସଂସ୍ଥାକୁ ଚେକ୍ ନଂ ୨୯୯୪୩୬/୩୧.୧୨.୨୦୨୫ ଦିନ କୁଚିଣ୍ଡା ଆରଏମ୍ସି ୩୨ ଲକ୍ଷ ୨୨ ଟଙ୍କା ପ୍ରଦାନ କରିଛି। ସେହିପରି ଉକ୍ତ ସଂସ୍ଥାରୁ ବିନା ଟେଣ୍ଡରରେ ଏବଂ କ୍ରୟ କମିଟିର ବିନା ଅନୁମୋଦନରେ କୁଚିଣ୍ଡା ଆରଏମସି ଗତ ୧୪.୧୧.୨୦୨୫ ଦିନ ସାତଟି ସିଡ ଗ୍ରେଡର, ତିରିଶଟି ଓଜନ ମେସିନ, ତିରିଶଟି ଡିଜିଟାଲ ମଶ୍ଚର ମେସିନ, ଦଶଟି ଡ୍ରାଇଙ୍ଗ ଫେନ, ଉନେଶଟି ଡିସପ୍ଲେ ବୋର୍ଡ କିଣି ଏ ବାବଦକୁ ଗତ ୨୦.୧.୨୦୨୬ ଦିନ ସମ୍ପୃକ୍ତ ସଂସ୍ଥାକୁ ଚେକ୍ ନଂ ୨୯୯୪୪୯ ରେ ୧୬ ଲକ୍ଷ ୩ ହଜାର ୬୨୦ ଟଙ୍କା ପ୍ରଦାନ କରାଯାଇଛି। ସାମଗ୍ରୀ କିଣାରେ ନୀତି ନିୟମକୁ ଉଲ୍ଲଂଘନ କରା ଯାଇ ଥିବାରୁ ଭିଜିଲାନ୍ସ ତଦନ୍ତ ପାଇଁ ଜନସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷରେ ସବୁ ସାମଗ୍ରୀ କିଣା ବାବଦରେ ସୂଚନା ଅଧିକାର ଆଇନରେ ତଥ୍ୟ ପାଇଁ ଆବେଦନ କଲେ ମଧ୍ୟ ଆରଏମସି ସମ୍ପାଦକ ତଥା ଜନ ସୂଚନା ଅଧିକାରୀ କୌଣସି ତଥ୍ୟ ଦେଉ ନ ଥିବାରୁ ସନ୍ଦେହ ଆହୁରି ଦୃଢ଼ୀଭୂତ ହେଉଛି। ଘଟଣା ସମ୍ପର୍କରେ ଆରଏମ୍ସି ସମ୍ପାଦକ ସୁଧୀର ନାୟକଙ୍କୁ ପଚାରିବାରୁ ଏଥିରେ କିଛି ଅନିୟମିତତା ହୋଇନାହିଁ। ଗୋଟିଏ ସମବାୟ ସଂସ୍ଥା ଅନ୍ୟ ଏକ ସମବାୟ ସଂସ୍ଥା ଠାରୁ କିଛି ସାମଗ୍ରୀ କିଣିଲେ ଏଥିପାଇଁ ଟେଣ୍ଡରର ଆବଶ୍ୟକତା ନାହିଁ ବୋଲି ମତ ଦେଇଥିଲେ।

## ବିଧାନସଭାସ୍ତରୀୟ ସମୀକ୍ଷା ବୈଠକ

ରେଢ଼ାଖୋଲ, ୨୨।୫ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଏନ୍ଏସି କାର୍ଯ୍ୟାଳୟ ସ୍ଥିତ ସଭାଗୃହ ଠାରେ ଶୁକ୍ରବାର ଦିନ ରେଢ଼ାଖୋଲ ବିଧାନସଭାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଯୋଗ ଦେଇଥିଲେ। ବୈଠକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ରେଢ଼ାଖୋଲ ସହରର ନୂତନ ବସଷ୍ଟାଣ୍ଡ, ଟାଉନହଲ, ଆରଡି ବିଭାଗର ନୂତନ ବହୁ ମୁଖି କନଫରେନ୍ସ ହଲ ସହ ଅନ୍ୟ ସବୁ ଉନ୍ନୟନକାର୍ଯ୍ୟର ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ସମୀକ୍ଷା କରି ଯଥାଶୀଘ୍ର ଉନ୍ନୟନମୂଳକ କାର୍ଯ୍ୟଗୁଡିକୁ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୧୧୮ ବୋତଲ କଫ ସିରପ୍ ଜବତ, ୨ ଗିରଫ

ସମ୍ବଲପୁର, ୨୨।୫(ସମିସ): ସଦର ଅବକାରୀ ବିଭାଗ ବେଆଇନ କଫ ସିରପ୍ କାରବାର ଅଭିଯୋଗରେ ଜଣେ ମହିଳାଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭୁତାପଡ଼ା ନିବାସୀ ଆଶିଷ ମୁଣ୍ଡା(୨୩) ଓ ଚାରଭାଟିର ସୀମଲୁ ଓରାମ(୩୫)। ଧନୁପାଲି ଥାନା ଚାରଭାଟୀ ଅଞ୍ଚଳରୁ ଦୁଇ ଅଭିଯୁକ୍ତଙ୍କୁ ଅବକାରୀ ବିଭାଗ ଗିରଫ କରି୧୧୮ ବୋତଲ କଫ ସିରପ ଜବତ କରିଛି।

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି

ସମ୍ବଲପୁର, ୨୨।୫(ସମିସ)

ବର୍ଷା ଋତୁ ଏବଂ ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପରିଷଦ ଅଧ୍ୟକ୍ଷ କୁମୁଦିନୀ ନାୟକ, ସମ୍ବଲପୁର ବିଧାୟକଙ୍କ ପ୍ରତିନିଧି ସମୀର ରଞ୍ଜନ ବାବୁ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ, ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ରେହାନ କ୍ଷତ୍ରି ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ବନ୍ୟା ପରିଚାଳନା ପାଇଁ ପୂର୍ବ ପ୍ରସ୍ତୁତି, ସମସ୍ତ ଦୁର୍ବଳ ନଦୀ ବନ୍ଧ ଓ ଘାଇ ଶୀଘ୍ର ଚିହ୍ନଟ କରି ମରାମତି, କେନାଲ ଓ ନାଳ ସଫେଇ ଡ୍ରେନେଜ ବ୍ୟବସ୍ଥାର ସଫେଇ, ବନ୍ୟାଜଳର ନିର୍ବିଘ୍ନ ପ୍ରବାହ, ୨୪ ଘଣ୍ଟିଆ କଂଟ୍ରୋଲ ରୁମ, ବର୍ଷା ପରିମାପ ଓ ଦୈନିକ ପରିସ୍ଥିତି ରିପୋର୍ଟ ପ୍ରେରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପାଣିପାଗ ସତର୍କବାଣୀ ଓ ବନ୍ୟା ବୁଲେଟିନ୍‌ର ତ୍ୱରିତ ପ୍ରଚାର ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ବନ୍ୟାପ୍ରବଣ ଅଞ୍ଚଳରେ ଆଗୁଆ ଖାଦ୍ୟ ସାମଗ୍ରୀ, ଶୁଖିଲା ଖାଦ୍ୟ ଓ ଆବଶ୍ୟକୀୟ ସାମଗ୍ରୀ ମହଜୁଦ ରଖିବା ସହ ସୁରକ୍ଷିତ ପାନୀୟ ଜଳ, ସ୍ୱାସ୍ଥ୍ୟ, ପରିଚ୍ଛନତା, ପଶୁ ଚିକିତ୍ସା ଓ କୃଷି ସହାୟତା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା। ବନ୍ୟା ଆଶ୍ରୟସ୍ଥଳ ଗୁଡିକ ପ୍ରସ୍ତୁତ ରଖିବା ସହିତ, ପାନୀୟ ଜଳ, ତଳିଆ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପାଇଁ ଉଦ୍ଧାର ଯୋଜନା, ରାସ୍ତା ଓ ପରିବହନ ବ୍ୟବସ୍ଥା ଉପରେ




ମଧ୍ୟ ସମୀକ୍ଷା କରାଯାଇଥିଲା। ଏଥିସହିତ ଓଡ୍ରାଫ, ଏନ୍‌ଡିଆରଏଫ ଓ ସୁରକ୍ଷା ବାହିନୀ ମୁତୟନ ପାଇଁ ପୂର୍ବ ପ୍ରସ୍ତୁତି ଏବଂ ବନ୍ୟା ଉଦ୍ଧାର ଓ ରିଲିଫ କାର୍ଯ୍ୟ ପାଇଁ ପ୍ରଶିକ୍ଷିତ ରିଲିଫ ଟିମ୍ ଗଠନ ଉପରେ ଆଲୋଚନା କରାଯାଇଥିଲା। ବିପର୍ଯ୍ୟୟ ସମୟରେ ବିଦ୍ୟୁତ୍, ଦୂରସଞ୍ଚାର, ସଡକ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସେବାର ଶୀଘ୍ର ପୁନଃସ୍ଥାପନ ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରବଳ ବର୍ଷା ବା ବନ୍ୟା ସମୟରେ ଲୋକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା କରିବା ପ୍ରାଥମିକତା। ଏଥିରେ ସାମାନ୍ୟ ଅବହେଳା ବା ବିଳମ୍ବ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିପାରେ, ତେଣୁ ଜନଜୀବନ ଓ ସମ୍ପତ୍ତିର ସୁରକ୍ଷା ପାଇଁ ସମସ୍ତ ବିଭାଗକୁ ସତର୍କ ରହିବା ସହିତ ବିଭାଗ ମଧ୍ୟରେ ସମନ୍ୱୟରକ୍ଷା କରି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀ, ତହସିଲଦାର ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସହରାଞ୍ଚଳ ଓ ଗ୍ରାମାଞ୍ଚଳର ସମସ୍ତ ଛୋଟ ବଡ଼ ନାଳ ଏବଂ ମୁଖ୍ୟ ଡ୍ରେନଗୁଡ଼ିକୁ ମୌସୁମୀ ପୂର୍ବରୁ ସମ୍ପୂର୍ଣ୍ଣ ସଫା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ଏସଏମସିର ଡେପୁଟି କମିଶନର (ସାନିଟେସନ), ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀକୁ ନିଜେ ଉପସ୍ଥିତ ରହି ଏହି ସଫେଇ କାର୍ଯ୍ୟର ତଦାରଖ କରିବେ ବୋଲି ନିର୍ଦ୍ଦେଶ ଦେଇଥିଲେ। ଖରାଦିନେ ପୋତି ହୋଇଥିବା ବୋତଲ, ଓ ବିଭିନ୍ନ ଖାଦ୍ୟ ଷ୍ଟଲ ଯୋଗୁଁ ଡ୍ରେନ ଜାମ ହେବାର ସମ୍ଭାବନା ଥିବାରୁ ତୁରନ୍ତ ସଫା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବାଲିବନ୍ଧା ଏବଂ ବିନାଖଣ୍ଡି ଭଳି ତଳିଆ ଅଞ୍ଚଳରେ ଥିବା ସମସ୍ତ ଜଳ ନିଷ୍କାସନ ପମ୍ପଗୁଡ଼ିକର କାର୍ଯ୍ୟକାରିତା ଯାଞ୍ଚ କରିବା ପାଇଁ ତୁରନ୍ତ 'ଟ୍ରାଏଲ୍ ରନ୍' କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବ ବର୍ଷଗୁଡ଼ିକର ଅଭିଜ୍ଞତାକୁ ଆଧାର କରି ସମ୍ବଲପୁର ମହାନଗର ନିଗମର ସମସ୍ତ ଜଳପ୍ଲାବିତ ଏବଂ ସଂବେଦନଶୀଳ ଅଞ୍ଚଳର ତାଲିକା ପ୍ରସ୍ତୁତ ରଖାଯାଇଛି। ସେହିପରି ଗତବର୍ଷ ବାମରା ଏବଂ କୁଚିଣ୍ଡା ଅଞ୍ଚଳରେ ହୋଇଥିବା ଅପ୍ରତ୍ୟାଶିତ ବନ୍ୟା ଓ କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ରେଢ଼ାଖୋଲ ଓ କୁଚିଣ୍ଡା ସବ୍‌ଡିଭିଜନ ଉପରେ ମଧ୍ୟ ସ୍ୱତନ୍ତ୍ର ସତର୍କତା ଅବଲମ୍ବନ କରାଯିବ। ଜିଲ୍ଲାରେ ଥିବା ସମସ୍ତ ବନ୍ୟା/ବାତ୍ୟା ଆଶ୍ରୟସ୍ଥଳୀର ସ୍ଥିତ ପରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ଲୁଇସ୍ ଗେଟ୍‌ରୁ ଜଳ ନିଷ୍କାସନରେ ହୋଇଥିବା ସମସ୍ୟାର ସମାଧାନ ପାଇଁ ମ୍ୟୁନିସିପାଲିଟି ଏବଂ ଜଳସେଚନ ବିଭାଗକୁ ମିଳିତ ଭାବେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିପର୍ଯ୍ୟୟ ପରିଚାଳନା ସମୟରେ କୌଣସି ପ୍ରକାରର ଅବହେଳା ନ କରିବା ପାଇଁ ଆଦେଶ ଦେଇଥିଲେ। ଅବହେଳା କରୁଥିବା ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ। ମୌସୁମୀ ଆସିବା ପୂର୍ବରୁ ସମସ୍ତ ପ୍ରତିଷେଧମୂଳକ ବ୍ୟବସ୍ଥା ଶେଷ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

Toll Free 1800 890 9498
7008051326 | 7008051327
GODBHAGA, BARGARH
+2 SCIENCE
HIGHER SECONDARY SCHOOL
Residential cum Day-Scholar
Virat
Group of Institutions

# ଗାଁରେ ମଦ ପ୍ରବେଶ କରାଇ ନ ଦେବାକୁ ଶପଥ



**ପଦ୍ମପୁର, ୨୨।୫(ସମିସ):** ପଦ୍ମପୁର ବ୍ଲକ ମହୁଲପାଲି ପଞ୍ଚାୟତ ଅଧୀନ ଦର୍ବେକେଲା ଗ୍ରାମରେ ଦେଶୀ ଓ ରନ୍ଧା ମଦ କାରବାର ଯୋରସୋର୍‌ରେ ଚାଲିଥିଲା। ମଦପାନ କରି ଅନେକ ଯୁବକ ବିପଥଗାମୀ ହେବା ସହିତ ଗାଁରେ ସବୁବେଳେ ବିଶୃଙ୍ଖଳା ଦେଖାଦେଉଥିଲା। ଏପରିକି ଗାଁର ସ୍କୁଲଠାରୁ ଆରମ୍ଭ କରି ପୋଖରୀ ହୁଡା ପର୍ଯ୍ୟନ୍ତ ମଦ ପାଉଚ ପଡ଼ିରହୁଥିଲା। ଏହି ସବୁ ଅସହ୍ୟ ହେବାପରେ ଗ୍ରାମର ଶତାଧିକ ମହିଳା, ପୁରୁଷ ସରପଞ୍ଚ ପଙ୍କଜିନୀ ବେହେରାଙ୍କ ନେତୃତ୍ୱରେ ଏକ ସଭା ଶୁକ୍ରବାର ଆୟୋଜନ କରି ଗାଁକୁ ମଦମୁକ୍ତ କରିବା ପାଇଁ ଶପଥ ନେଇଥିଲେ। ଆଗାମୀ ଦିନରେ ଗାଁରେ କୌଣସି ଦେଶୀ ବିଦେଶୀ ମଦ ପ୍ରବେଶ କରାଇ ଦିଆଯିବ ନାହିଁ ବୋଲି ପ୍ରସ୍ତାବ ଗ୍ରହଣ କରିବା ସହିତ ଆଗାମୀ ସୋମବାର ଦିନ ଏ ନେଇ ପୁଲିସ, ପ୍ରଶାସନିକ ଅଧିକାରୀ, ଅବକାରୀ ବିଭାଗକୁ ଲିଖିତ ଭାବେ ଦିଆଯିବ ବୋଲି ସରପଞ୍ଚ ବେହେରା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ଫୁଲ ଚନ୍ଦନ ବରିହା, କୈଳାସ ପୁଞ୍ଜି, ରବୀନ୍ଦ୍ର ମେହେର, ଭକ୍ତବନ୍ଧୁ ସାହୁ, ହରେକୃଷ୍ଣ ଥପା, ଫିରୁ ମେହେର, ସମାଜସେବୀ ସୁନିଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ନାରୀ ଅଧିକାର ଅଭିଯାନ

# ସରକାର ବିରୋଧରେ ଗର୍ଜିଲେ ମହିଳା

**ପାଇକମାଳ, ୨୨।୫(ସମିସ)**

ପଦ୍ମପୁର ବିଜୁ ମହିଳା ଜନତା ଦଳ ପକ୍ଷରୁ ଶୁକ୍ରବାର ପାଇକମାଳଠାରେ ନାରୀ ଅଧିକାର ଅଭିଯାନ ଶୀର୍ଷକରେ ଏକ ବ୍ୟାପକ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ କାର୍ଯ୍ୟକାରୀ କରିବାରେ ବିଳମ୍ବ, ଦେଶରେ ବଢୁଥିବା ନାରୀ ନିର୍ଯାତନା ଓ ମହିଳା ସୁରକ୍ଷା ନେଇ କେନ୍ଦ୍ର ସରକାରଙ୍କ ଅସଫଳତାକୁ ନେଇ ବିଜେଡି ମହିଳା ନେତୃବୃନ୍ଦ ଓ କର୍ମୀମାନେ ବିଜେପି ସରକାର ବିରୋଧରେ ଜୋରଦାର ସ୍ୱର ଉଠାଇଥିଲେ। ସକାଳୁ ପାଇକମାଳ ସ୍ଥିତ ନୃସିଂହନାଥ ଧର୍ମଶାଳା ପରିସରରେ ପଦ୍ମପୁର, ପାଇକମାଳ ଓ ଝାରବନ୍ଧ ଅଞ୍ଚଳରୁ ଆସିଥିବା ଶତାଧିକ ମହିଳା କର୍ମୀ ଓ ନେତୃବୃନ୍ଦ ଏକାଠି ହୋଇଥିଲେ। ସେଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ପାଇକମାଳ ମୁଖ୍ୟ ରାସ୍ତା ପରିକ୍ରମା କରି ବିଡିଓ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରା ସମୟରେ ମହିଳାମାନେ 'ନାରୀଙ୍କୁ ସୁରକ୍ଷା ଦିଅ', '୩୩ ପ୍ରତିଶତ ସଂରକ୍ଷଣ ଶୀଘ୍ର କାର୍ଯ୍ୟକରୀ କର', 'ନାରୀ ନିର୍ଯାତନା ବନ୍ଦ କର' ପରି ବିଭିନ୍ନ ସ୍ଲୋଗାନ ଦେଇ କେନ୍ଦ୍ର ସରକାରଙ୍କ ନୀତି ପ୍ରତି ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରତିବାଦ ଶୋଭାଯାତ୍ରା ଫଳରେ ପାଇକମାଳ ଅଞ୍ଚଳରେ ରାଜନୈତିକ ପରିବେଶ ବେଶ୍ ସରଗରମ ହୋଇଯାଇଥିଲା। ପରେ ବିଜେଡିର ଏକ ପ୍ରତିନିଧି ଦଳ ପାଇକମାଳ ବିଡିଓ ପ୍ରଫୁଲ୍ଲ କୁମାର ଓଡ୍ଡୁଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ରରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ଶୀଘ୍ର କାର୍ଯ୍ୟକରୀ କରିବା, ଦେଶରେ ବଢୁଥିବା ଦୁଷ୍କର୍ମ, ନାରୀ ନିର୍ଯାତନା ଓ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ଘଟଣାରେ କଠୋର ପଦକ୍ଷେପ ନେବା ସହ ମହିଳା ସୁରକ୍ଷାକୁ ସୁନିଶ୍ଚିତ କରିବା ଦାବି କରାଯାଇଥିଲା। ମହିଳା ନେତୃବୃନ୍ଦ କହିଥିଲେ ଯେ, ଦେଶର ନାରୀମାନେ ଆଜି ମଧ୍ୟ ନିଜ ଅଧିକାର ପାଇଁ ସଂଘର୍ଷ କରୁଛନ୍ତି ଏବଂ ସରକାର କେବଳ ନାରାରେ ସୀମିତ ନ ରହି ବାସ୍ତବରେ ମହିଳା ସଶକ୍ତିକରଣ ଦିଗରେ କାମ କରିବା ଆବଶ୍ୟକ। ଏହାପରେ ପାଇକମାଳ ହାଇସ୍କୁଲ ପଡ଼ିଆରେ ଏକ ବିଶାଳ ମହିଳା ସମାବେଶ ଆୟୋଜିତ ହୋଇଥିଲା। ସମାବେଶରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାଙ୍କ ଅଧିକାର ସୁରକ୍ଷା ପାଇଁ ଏକତ୍ର ହୋଇ ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଥିଲେ। ସେ କହିଥିଲେ ଯେ, ମହିଳାମାନେ ଆଜି ସମସ୍ତ କ୍ଷେତ୍ରରେ ନିଜ ସାମର୍ଥ୍ୟ ପ୍ରମାଣ କରୁଥିବା ବେଳେ ସେମାନଙ୍କୁ ଯଥୋଚିତ ସମ୍ମାନ ଓ ସୁରକ୍ଷା ଦେବା ସରକାରଙ୍କ ପ୍ରଥମ କର୍ତ୍ତବ୍ୟ ହେବା ଦରକାର। ସମାବେଶରେ ପୂର୍ବତନ ମନ୍ତ୍ରୀ ରିତା ସାହୁ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ରାଜ୍ୟ ବିଜୁ ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ର, ରାଜ୍ୟ ବିଜୁ ଜନତା ଦଳର ସମ୍ପାଦକ ରାଜୁ ଘିବେଲା, ବରଗଡ଼ ଏନ୍‌ଏସି ଅଧ୍ୟକ୍ଷା କଳ୍ପନା ମାଝୀ, ପାଇକମାଳ ବ୍ଲକ ଅଧ୍ୟକ୍ଷା ଭାବନା ସିଂ, ଝାରବନ୍ଧ ବ୍ଲକ ଅଧ୍ୟକ୍ଷା ଲିପ୍ସା ପ୍ରଧାନ, ପାଇକମାଳ ବ୍ଲକ ସଭାନେତ୍ରୀ ବନିତା ମହାନନ୍ଦ, ପଦ୍ମପୁର ବ୍ଲକ ସଭାନେତ୍ରୀ ସାବିତ୍ରୀ ଚାନ୍ଦ, ଜିଲ୍ଲା ପରିଷଦ ସଭ୍ୟା ପୂର୍ଣ୍ଣିମା ରଣା, ବ୍ଲକ ବିଜୁ ଯୁବା ଜନତା ଦଳର ସଭାପତି ଗୌତମ ସିଂ, କାଂସଡା ସଭାନେତ୍ରୀ ସୌଦାମିନୀ ତ୍ରିପାଠୀ, ପାଇକମାଳ ବ୍ଲକ ସଭାପତି ବିଜୟ ସ୍ୱାଇଁ, ଉପସଭାପତି ଟାଇଲ ଭୋଇ, ବିଧାୟକ ପ୍ରତିନିଧି ହୃଦାନନ୍ଦ ବାରିକ, ସୁଶାନ୍ତ ମିଶ୍ର ଓ ଆର୍ତ୍ତତ୍ରାଣ ସାହୁଙ୍କ ସମେତ ବହୁ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ। ସଭା ପରିଚାଳନା ଗୁଣ୍ଠିଡ଼ିଆ ସାହୁ କରିଥିଲେ। ବକ୍ତାମାନେ ନିଜ ଅଭିଭାଷଣରେ କହିଥିଲେ ଯେ, ମହିଳାଙ୍କୁ ସମାନ ସୁଯୋଗ, ସମ୍ମାନ ଓ ସୁରକ୍ଷିତ ପରିବେଶ ଦେବାଦିଗରେ ସରକାର ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ। ନାରୀ ସଶକ୍ତିକରଣ କେବଳ ରାଜନୈତିକ ସ୍ଲୋଗାନରେ ସୀମିତ ନ ରହି ତାହାକୁ ବାସ୍ତବ ରୂପ ଦେବାକୁ ହେବ। ଦେଶରେ ନାରୀଙ୍କ ଉପରେ ବଢୁଥିବା ଅପରାଧ ଘଟଣାକୁ ନେଇ ସେମାନେ ଗଭୀର ଚିନ୍ତା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଦ୍ମପୁର, ପାଇକମାଳ ଓ ଝାରବନ୍ଧ ଅଞ୍ଚଳର ଶତାଧିକ ମହିଳା ନେତ୍ରୀ, ବିଜେଡି କର୍ମୀ ଓ ସ୍ଥାନୀୟ ଲୋକମାନେ ଯୋଗଦେଇଥିଲେ।




# ସ୍କାଉଟ୍ସ ପ୍ରତିଯୋଗିତାରେ ସିଆଲଖଣ୍ଡହଥା କୃତିତ୍ୱ



**ଭେଡେନ, ୨୨।୫(ସମିସ):** ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ପ୍ରଧାନମନ୍ତ୍ରୀ ସିଲ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଭେଡେନ ବ୍ଲକ ଅଧୀନ ସରକାରୀ ଉଚ୍ଚ ବିଦ୍ୟାଳୟ, ସିଆଲଖଣ୍ଡହଥା କୃତିତ୍ୱ ହାସଲ କରି ରାଜ୍ୟପାଳ ଡ. କମ୍ଭମପତି ହରିବାବୁ, ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡସ୍ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡ. କାଳୀ ପ୍ରସାଦ ମିଶ୍ରଙ୍କଠାରୁ ପୁରସ୍କାର ଗ୍ରାହଣ କରିଥିଲେ। ରାଜ୍ୟ ପୁରସ୍କାର ଉତ୍ସବରେ ସରକାରୀ ଉଚ୍ଚ ବିଦ୍ୟାଳୟ ସିଆଲଖଣ୍ଡହଥାର ପ୍ରଧାନ ଶିକ୍ଷକ ମୀନକେତନ ପଧାନ ଓ ଗାଇଡ କ୍ୟାପଟେନ୍ ବିଜୁଳିବତୀ ଦେଲଇ ସାର୍ଟିଫିକେଟ ଓ ସ୍ମରଣ ଚିହ୍ନ ଗ୍ରହଣ କରିଥିଲେ।

# ଝାରବନ୍ଧରେ ହେବ ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ୍ ଓ ଇନ୍‌ଡୋର ହଲ୍

**ଝାରବନ୍ଧ, ୨୨।୫ (ସମିସ):** ଝାରବନ୍ଧ ବ୍ଲକରେ ଖେଳ ଭିତ୍ତିଭୂମିର ଉନ୍ନତି ଓ ଗ୍ରାମାଞ୍ଚଳର ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ଝାରବନ୍ଧ ବ୍ଲକରେ ଇନ୍‌ଡୋର ହଲ୍ ସହିତ ବ୍ଲକସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ ପାଇଁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ପକ୍ଷରୁ ୧୬ କୋଟି ୭୯ ଲକ୍ଷ ୫୯ ହଜାର ୧୦୦ ଟଙ୍କାର ପ୍ରଶାସନିକ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହି ଘୋଷଣା ପରେ ଝାରବନ୍ଧ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ସୂଚନା ଅନୁସାରେ, ୨୦୨୬ ମାର୍ଚ୍ଚ ୧୯ ତାରିଖରେ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ଏଫଏ-କମ୍-ଅତିରିକ୍ତ ସଚିବ ନେଲସନ ଲାକ୍ରାଙ୍କ ଦ୍ୱାରା ଏହି ପ୍ରଶାସନିକ ମଞ୍ଜୁରୀ ସମ୍ବନ୍ଧୀୟ ଚିଠି ଜାରି କରାଯାଇଛି। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ବରଗଡ଼ (ଆର୍‌ଆଣ୍ଡବି) ଡିଭିଜନର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କ ତତ୍ତ୍ୱାବଧାନରେ ନିୟମିତ ଯୋଜନା ଓ ନିର୍ଦ୍ଧାରିତ ମାନକ ଅନୁଯାୟୀ ସମ୍ପନ୍ନ କରାଯିବ। ସରକାରୀ ଦଲିଲ ଅନୁଯାୟୀ, ଏସଓଆର-୨୦୨୨ (ପୋଷ୍ଟ ଜିଏସଟି ଦର) ଓ ନୂତନ ଶ୍ରମିକ ଦରକୁ ଆଧାର କରି ପ୍ରସ୍ତୁତ ହୋଇଥିବା ଆନୁମାନିକ ବ୍ୟୟକୁ ମୂଲ୍ୟାୟନ କରି ଏହି ଅନୁମୋଦନ ଦିଆଯାଇଛି। ପ୍ରକଳ୍ପର ଗୁଣବତ୍ତା ଓ ସମୟସୀମା ମଧ୍ୟରେ କାମ ସମାପ୍ତି ପାଇଁ ସମ୍ପୃକ୍ତ ବିଭାଗକୁ କଠୋର ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ବିଶେଷକରି ଗ୍ରାମାଞ୍ଚଳରୁ ଉଦୀୟମାନ ପ୍ରତିଭାମାନେ ନିଜ କୌଶଳ ପ୍ରଦର୍ଶନ ପାଇଁ ଏକ ଉଚିତ ମଞ୍ଚ ପାଇବେ ବୋଲି ଆଶା କରାଯାଉଛି। ଦୀର୍ଘ ଦିନ ଧରି ଝାରବନ୍ଧ ଅଞ୍ଚଳରେ ଏକ ସୁବ୍ୟବସ୍ଥିତ ଖେଳ ପ୍ରାଙ୍ଗଣ ନିର୍ମାଣ ପାଇଁ ସ୍ଥାନୀୟ ଲୋକମାନଙ୍କ ଦାବି ରହିଥିଲା। ଏହି ଘୋଷଣା ପରେ ସ୍ଥାନୀୟ ଅଞ୍ଚଳବାସୀ, ଯୁବକ ସଂଘ ଓ ଖେଳପ୍ରେମୀ ମାନେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଥିବା ବେଳେ, ଶୀଘ୍ର ନିର୍ମାଣ କାର୍ଯ୍ୟଆରମ୍ଭ କରି ସମୟ ମଧ୍ୟରେ ସମାପ୍ତ କରିବାକୁ ଦାବି କରିଛନ୍ତି। ଝାରବନ୍ଧରେ ଏହି ଷ୍ଟାଡିୟମ୍ ନିର୍ମାଣ ହେଲେ ଏହା କେବଳ ଏକ ଖେଳ ପ୍ରାଙ୍ଗଣ ନୁହେଁ ବରଂ ଅଞ୍ଚଳର ଯୁବଶକ୍ତିଙ୍କ ସ୍ୱପ୍ନପୂରଣର ଏକ ନୂତନ ଠିକଣା ହେବ।

## ମେଧାବୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା

**ପଦ୍ମପୁର, ୨୨।୫(ସମିସ):** ପଦ୍ମପୁର ଉପଖଣ୍ଡର ଲଖମରା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତଦୁଇ ପରୀକ୍ଷାରେ ୮୦%ରୁ ଊର୍ଦ୍ଧ୍ୱ ମାର୍କ ରଖି ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା ଏହି ସଭାରେ ଅନୁଷ୍ଠାନର ପୂର୍ବତନ ସଭାପତି ମଧୁସୂଦନ ଦାସ ମୁଖ୍ୟ ଅତିଥି ଓ ବିସିକେଶନ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ବିଦ୍ୟାଳୟର ଟପ୍ପର ଟିକେଲାଲ ସାହୁ ୮୯.୬୬% ମାର୍କ ରଖି ଅନୁଷ୍ଠାନକୁ ଗୌରାବାନ୍ୱିତ କରିଥିବାରୁ ତାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା।

## ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ

**ଥୁଆପାଲି, ୨୨।୫(ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ବକଟୀ ପଞ୍ଚାୟତର ବକଟୀଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ସ୍ୱର୍ଗତ ରାଜିବ ଗାନ୍ଧୀ ୩୬ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ବରଗଡ଼ ଜିଲ୍ଲା ରାଜିବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ସଭାପତି ଦିଲୀପ କୁମାର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପାଣ୍ଡବ କର୍ଣ୍ଣ ଯୋଗ ଦେଇଥିଲେ। ବରିଷ୍ଠ କଂଗ୍ରେସ ନେତା ଦଶରଥ ମେହେର ଓ ସଞ୍ଜୟ ନନ୍ଦ, ରାଜିବ ଗାନ୍ଧୀଙ୍କ ଦେଶପ୍ରେମ, ଗଠନମୂଳକ କାର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି ସମୟରେ ଦୋଳଗୋବିନ୍ଦ ବେହେରା, ଭବାନୀ ପାଢ଼ୀ, ମାଧବ ସାହୁ, ଠକୁ ଭୋଇ, ଗୋବିନ୍ଦ ସାହୁ, କିଶୋର ସାହୁ, ଭେଡେନ ୨ ଜିଲ୍ଲା ପରିଷଦ ପ୍ରାର୍ଥୀ ଗୋପାଳ ବାଗ, ଗଙ୍ଗା ମହାପାତ୍ର, ଖଇନୁ ମେସୁଆ, କୈଳାସ ଖେତୀ, ତାରା ଦାସ ଯୋଗଦେଇ ଥିଲେ। ଦିଲୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଲ-କଲେଜରେ ବିଦାୟୀ ସମ୍ବର୍ଦ୍ଧନା ଉତ୍ସବ

**ବରଗଡ଼, ୨୨।୫(ସମିସ):** ବରଗଡ଼ ଲ-କଲେଜରେ ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ଏଲଏଲବି ଶେଷବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି। ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଲେଜର ଅଧ୍ୟକ୍ଷ କିଶୋର କୁମାର ମହାପାତ୍ର, କଲେଜର ବରିଷ୍ଠ ଅଧ୍ୟାପକ ହୋତା ସାର, ସୁରଭି ପଧାନ, ଚନ୍ଦନ କୁମାରୀ ସାହୁ, ଗୋବିନ୍ଦ ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଦ୍ୱିତୀୟ ବର୍ଷ ଛାତ୍ରୀ ହିମାଦ୍ରୀ ସାହୁ ଓ ପଦ୍ମିନୀ ଦାଶ ସ୍ୱାଗତ କରିଥିଲେ। ଶେଷବର୍ଷ ଛାତ୍ରଛାତ୍ରୀ ମାନେ ନିଜ ନିଜର ଅନୁଭୂତି ବଖାଣି କଲେଜର ଅଧ୍ୟକ୍ଷ, ପ୍ରଫେସର ଓ କର୍ମଚାରୀଙ୍କୁ ପ୍ରଶଂସା କରିଥିଲେ। ସମାଜର ଗରିବ, ଅବହେଳିତ, ନିଷ୍ପେସିତ ଶ୍ରେଣୀର ଲୋକଙ୍କୁ ବିନା ପଇସାରେ ଆଇନ ସେବା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ ଅଧ୍ୟକ୍ଷ। ବଳରାମ କୁମାର ଦୀପ ପରିଚାଳନା କରିଥିବା ବେଳେ ରମାକାନ୍ତ ତରାଇ ଧନ୍ୟବାଦ ଅର୍ପଣ କରିଥିଲେ। ସୁଜିତ ମିଶ୍ର, ସାଗର ଦାଶ, ସୁଜନ କୁମାର ଦାଶ, ଅଧୀର ସାହୁ, ଆଲୋକ ସାହୁ ପ୍ରମୁଖସହଯୋଗ କରିଥିଲେ।



ବରଗଡ଼ ପୌର ପରିଷଦ ୮ ନମ୍ବର୍ ୱାର୍ଡର କାଉନସିଲର ରୀନା ମହାପାତ୍ର ସୁପର୍ ମାର୍କେଟ୍‌ଠାରେ ଜନସାଧାରଣଙ୍କୁ ସରବତ୍ ବଣ୍ଟନ କରିଥିଲେ।

# ବିବାହ ବାର୍ଷିକୀରେ ଶରୀର ଦାନ ପାଇଁ ଫର୍ମପୂରଣ କଲେ ଦମ୍ପତି

**ବରଗଡ଼, ୨୨।୫(ସମିସ):** ଏକ ଦମ୍ପତି ବିବାହ ବାର୍ଷିକୀ ଅବସରରେ ସେମାନଙ୍କର ଶରୀର ଦାନ କରିବାକୁ ଏକ ପ୍ରତିଜ୍ଞା ଫର୍ମପୂରଣ କରି ସମସ୍ତଙ୍କ ପାଇଁ ଏକ ଉଦାହରଣ ପାଲଟି ଯାଇଛନ୍ତି। ଭଟଲି ବ୍ଲକ ଉର୍ଦ୍ଦୁନା ଗ୍ରାମର ବାସିନ୍ଦା ରବୀନ୍ଦ୍ର ମହାପାତ୍ର (୫୦) ଏବଂ ତାଙ୍କ ପତ୍ନୀ ଜୟଶ୍ରୀ ମହାପାତ୍ର (୪୧) ମରଣୋତ୍ତର ବୈଜ୍ଞାନିକ ଗବେଷଣା ପାଇଁ ସେମାନଙ୍କର ସମ୍ପୂର୍ଣ୍ଣ ଶରୀର ଦାନ କରିବାକୁ ଏକ ପ୍ରତିଜ୍ଞା ଫର୍ମ ପୂରଣ କରିଥିଲେ। ସେମାନଙ୍କ ଇଚ୍ଛା ଅନୁଯାୟୀ ରବୀନ୍ଦ୍ରଙ୍କ ପିତା ସ୍ୱର୍ଗତ ଆଦିତ୍ୟ ମହାପାତ୍ର ଏବଂ ତାଙ୍କ ମାଉସୀ ସ୍ୱର୍ଗତ ଯଶୋବନ୍ତୀଙ୍କ ଶରୀର ଦାନ କରିଥିଲେ। ସେମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ମାରୱାଡି ମହିଳା ସମିତି ବରଗଡ଼ ଶାଖାର ସମର୍ଥନରେ ସେମାନେ ସ୍ୱେଚ୍ଛାକୃତ ଭାବରେ ଶରୀର ଦାନ ନେତ୍ରୀ ଅଞ୍ଜୁ ମିତ୍ତଲଙ୍କ ସହିତ ଯୋଗାଯୋଗ କରିଥିଲେ। ପରିବାରର ସମ୍ମତିରେ, ସେମାନେ ମରଣୋତ୍ତର ଚିକିତ୍ସା ଗବେଷଣା ପାଇଁ ସେମାନଙ୍କର ସମ୍ପୂର୍ଣ୍ଣ ଶରୀର ଦାନ କରିବାକୁ ପ୍ରତିଜ୍ଞା କରିଛନ୍ତି। ଏହି ପ୍ରତିଜ୍ଞା ବୁର୍ଲାର ଭିମ୍ସାର ମେଡିକାଲ କଲେଜକୁ ଉତ୍ସର୍ଗ କରାଯାଇଥିଲା ଏବଂ ଦମ୍ପତିଙ୍କୁ ଗ୍ରହଣ ପତ୍ର ଏବଂ ଦାତା କାର୍ଡ ପ୍ରଦାନ କରାଯାଇଥିଲା। କମିଟିର ଶରୀରଦାନ ମୁଖ୍ୟ ଅଞ୍ଜୁ ମିତ୍ତଲ ଦ୍ୱାରା କରାଯାଇଥିଲା।



# ପୁରାତନ ଛାତ୍ର ସଂସଦ ପକ୍ଷରୁ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା

**ପାଇକମାଳ, ୨୨।୫(ସମିସ):** ପାଇକମାଳ ବ୍ଲକ ମାଣ୍ଡୋସିଲ ପିଏମଶ୍ରୀ ହାଇସ୍କୁଲ ପରିସରରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ଓ ସମ୍ମାନିତ ଅତିଥିଭାବେ ଛାତ୍ର ସଂସଦ ସଭାପତି ଗୋକୁଳାନନ୍ଦ ଡନସନ, ଜଗନ୍ନାଥ ପୁଟା, ରାଧେଶ୍ୟାମ ପଟେଲ, ପୋର୍ଟା ମୀନତି ଟେଟେ ମଞ୍ଚାସୀନ ଅତିଥି ଭାବରେ ଉପସ୍ଥିତ ଥିଲେ। ୨୦୨୫-୨୬ ଶିକ୍ଷା ବର୍ଷ ଦ୍ୱାଦଶଶ୍ରେଣୀ ପରୀକ୍ଷା ବିଜ୍ଞାନ ବିଭାଗରେ ୯୭% ରଖିଥିବା ଛାତ୍ରୀ ଦୀପିକା ଡନସନା ଓ ମାଟ୍ରିକ ପରୀକ୍ଷାରେ ମାଣ୍ଡୋସିଲ ପିଏମଶ୍ରୀ ହାଇସ୍କୁଲର ଛାତ୍ରୀ ଏ-ୱାନ୍ ଗ୍ରେଡ୍ ପାଇଥିବା ଛାତ୍ରୀ ଚାନ୍ଦିନୀ ବିଶ୍ୱାଳ ଓ ଏ-୨ ପାଇଥିବା ଛାତ୍ରୀ ସୋନିଆରାଣୀ ମହାନନ୍ଦ, ପରମିତା ବେହେରା, ଭାଲ୍ଲୁରୀ ସାଇ ତେଜସ୍ୱୀନୀ ଓ ଭୂମିସୂତା କୁମ୍ଭାରଙ୍କୁ ସମ୍ବର୍ଦ୍ଧିତ କରି ମାନପତ୍ର ଦିଆଯାଇଥିଲା। ରାଧେଶ୍ୟାମ ସାହା ସଭା ସଂଯୋଜନା କରିଥିଲେ। ଏଥିରେ ମହେନ୍ଦ୍ର ଖୁଣ୍ଟିଆ, ନବୀନ ଡନସନା, ଗୋପାଳ ବେହେରା, ମାନଭଞ୍ଜନ କୁଅଁର, ଗୋକୁଳରାମ ଡନସନା, ଅନିରୁଦ୍ଧ ପଣ୍ଡା, ତପନ ବହିଦାର, ଦେବେନ୍ଦ୍ର ସାହୁ, ତ୍ରିଲୋଚନ ସାହୁ, ଚନ୍ଦ୍ରଭାନୁ ବିଶ୍ୱାଳ, ଉଗ୍ରସେନ ପ୍ରଧାନ, ନରହରି ସିଂ, ଅଭିଷେକ ସାହୁ, ମୁନ୍ନା ସାହୁ, ପ୍ରଶାନ୍ତ ସରିଆଁ, ଉତ୍ତମ ରଣା, ସମ୍ଭବ ପୁଟା, ଫାଲଗୁନି ସାହୁ, ସୀତାକାନ୍ତ ମଲ୍ଲିକ, ମଣ୍ଟୁ ସାହୁ, ସୁରେନ୍ଦ୍ର ମାଝୀ, ତୁଳାରାମ ପଟେଲ ସହଯୋଗ କରିଥିବା ବେଳେ ତରଣୀସେନ ଡନସନା ଧନ୍ୟବାଦ ଦେଇଥିଲେ।



# ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ବରଗଡ଼, ୨୨।୫(ସମିସ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଭୁବନେଶ୍ୱର, ଓଡ଼ିଶା ଦ୍ୱାରା ଆୟୋଜିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ନିମନ୍ତେ ସ୍ଥାନୀୟ ବରାହଗୁଡା, ବରଗଡ଼ ସ୍ଥିତ କ୍ରୀଷ୍ଣା ବିକାଶ ଅନୁଷ୍ଠାନରେ ଏକ ଉତ୍ସବ ମୁଖର ପରିବେଶ ସୃଷ୍ଟି ହୋଇଥିଲା। ଗତବର୍ଷ ଛାତ୍ରଛାତ୍ରୀଙ୍କ ଅପେକ୍ଷା ଚଳିତବର୍ଷ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିବା ସହିତ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଆଜି କ୍ରୀଷ୍ଣା ବିକାଶ ଅନୁଷ୍ଠାନର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣାଙ୍କ ଅଧ୍ୟକ୍ଷତାରେ ଯୁକ୍ତଦୁଇ ପରୀକ୍ଷାରେ ୮୦%ରୁ ଉର୍ଦ୍ଧ୍ୱ ମାର୍କ ରଖୁଥିବା ଛାତ୍ରଛାତ୍ରୀ ଏବଂ ତାଙ୍କ ପିତାମାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଚେୟାରମ୍ୟାନ ଚଳିତବର୍ଷର ଫଳ ଘୋଷଣା କରିବା ସହିତ ସମସ୍ତ କୃତୀ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ଶୁଭେଚ୍ଛା ଜଣାଇ ଥିଲେ। ବାଣିଜ୍ୟ ବିଭାଗର ସତ୍ୟସୁନ୍ଦର୍ ପଣ୍ଡା ୫୯୨ ମାର୍କ ହାସଲ କରି ଓଡ଼ିଶା ଟପ୍ପର ହୋଇଥିବାବେଳେ ବିଜ୍ଞାନ ବିଭାଗର ସମର୍ପିତା ଦେହେରୀ ୫୯୧ ମାର୍କରଖି ବରଗଡ଼ ଜିଲ୍ଲା ଟପ୍ପର ସହିତ ସମଗ୍ର ପଶ୍ଚିମ ଓଡ଼ିଶାରେ ତୃତୀୟସ୍ଥାନ ଅଧିକାର କରିଛନ୍ତି। ଏବର୍ଷ ୨୩ ଜଣ ଛାତ୍ରଛାତ୍ରୀ ୯୫%ରୁ ଉର୍ଦ୍ଧ୍ୱ ମାର୍କ ରଖି ରେକର୍ଡ ସୃଷ୍ଟି କରିଛନ୍ତି। ଯାହା ସମୂଦାୟ ପଶ୍ଚିମ ଓଡ଼ିଶାର ସର୍ବାଧିକ ହାର ୯.୮୦ % ଅଟେ। ଏଥିରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ପ୍ରାରମ୍ଭି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ସମରେନ୍ଦ୍ର ନାଥ ପଣ୍ଡା ବିଦ୍ୟାଳୟର ଶୈକ୍ଷିକ ବାତାବରଣ ତଥା ଛାତ୍ରଛାତ୍ରୀମାନଙ୍କ କଠିନ ପରିଶ୍ରମ ଦ୍ୱାରା ହିଁ ଏମିତି ଫଳ ହୋଇ ପାରିଛି ବୋଲି ମତବ୍ୟକ୍ତ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର ଏକଜିକ୍ୟୁଟିଭ୍ ପ୍ରିନ୍ସିପାଲ ଶିଶିର ପ୍ରସାଦ ରାଉଳ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ସାମଗ୍ରୀକ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନର ମ୍ୟାନେଜିମ ଡାଇରେକ୍ଟର ଦାଶରି ବିବେକ, ଟ୍ରଷ୍ଟି ରାମ ତୁଳସୀ, ଡାଇରେକ୍ଟର ଟୁ ଚେୟାରମ୍ୟାନ ଲୋକେଶ ଦଶାରି ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଏସ୍ କାନ୍ତା ରାଓ ଧନ୍ୟବାଦ ଅର୍ପଣ କରିଥିଲେ।






# ବରଗଡ଼କୁ ଶିଶୁ ବିବାହ ମୁକ୍ତ କରିବା ପାଇଁ ଲକ୍ଷ୍ୟ




**ବରଗଡ଼, ୨୨।୫(ସମିସ):** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଆଭିମୁଖ୍ୟ କରଣ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଅଧିକାରୀ, ପୁଲିସ, ଶିଶୁ ସୁରକ୍ଷା ବିଶେଷଜ୍ଞ ଏବଂ ବିଭିନ୍ନ ବିଭାଗର ପ୍ରତିନିଧିମାନେ ଶିଶୁ ବିବାହ ବିରୋଧରେ ସମନ୍ୱିତ ପ୍ରତିକ୍ରିୟା ସୁଦୃଢ଼ କରିବାପାଇଁ ସାମିଲ ହୋଇଥିଲେ। ମହେନ୍ଦ୍ର ମହାପାତ୍ର ନିଜର ଅଭିଭାଷଣରେ ବହୁ-କ୍ଷେତ୍ରୀୟ ଆଭିମୁଖ୍ୟ, ବିଭାଗୀୟ ସମନ୍ୱୟ ଓ ସୁଦୃଢ଼ ମନିଟରିଂ ବ୍ୟବସ୍ଥା ମାଧ୍ୟମରେ ଶିଶୁ ବିବାହ ଉଚ୍ଛେଦ କରିବା ପ୍ରତି ଜିଲ୍ଲାର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇ ଥିଲେ। ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ସାନ୍ଧ୍ୟାରାଣୀ ନେପା ସ୍ୱାଗତଭାଷଣ ଦେଇଥିଲେ। ମୁଖ୍ୟ ବୈଷୟିକ ଗୁଡ଼ିକୁ ଘସିରାମ ପଣ୍ଡା ପରିଚାଳନା କରିଥିଲେ। ଭୂମିକା, ଦାୟିତ୍ୱ ଓ ଆଗାମୀ ପଥ ଉପରେ ଖୋଲା ଆଲୋଚନା ସରୋଜ କୁମାର ବାରିକ, ପ୍ରୋଗ୍ରାମ ମ୍ୟାନେଜର, ଆଇଡି ଏଟ୍ ଆକ୍ସନ୍, ଭୁବନେଶ୍ୱରଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଅଂଶୁମାନ ପାଢ଼ୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଡିଏଚ୍‌ଇଡବ୍ଲୁ, ବରଗଡ଼ ଉପସ୍ଥାପନ କରିଥିଲେ। ଏହି ଡିଏପି ସମୁଦାୟଙ୍କ ଅଂଶଗ୍ରହଣକୁ ସୁଦୃଢ଼ କରିବା, ଅସୁରକ୍ଷିତ କିଶୋରୀମାନଙ୍କ ପାଇଁ ସାଂସ୍ଥାନିକ ସହାୟତା ସୁନିଶ୍ଚିତ କରିବା ଏବଂ ମହିଳା ଓ ଶିଶୁ ବିକାଶ, ଶିକ୍ଷା, ପୁଲିସ ଓ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ସମନ୍ୱୟ ବୃଦ୍ଧି କରି ବରଗଡ଼କୁ ଶିଶୁ ବିବାହ ମୁକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ ଅଧିକାରୀମାନେ ଅଂଶଗ୍ରହଣ କିରଥିଲେ।

## 'ସୁରକ୍ଷିତ ଶୈଶବ ସୁରକ୍ଷିତ ଭବିଷ୍ୟତ' କାର୍ଯ୍ୟକ୍ରମ




**ଝାରସୁଗୁଡ଼ା, ୨୨।୫(ସମିସ):** ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡ଼ା ପକ୍ଷରୁ ଜିଲ୍ଲା ଓ ଦୌରାଜଜ୍ ତଥା ପ୍ରାଧୀକରଣର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ପ୍ରସନ୍ନପଣ୍ଡା ଆଇନ୍ ମହାବିଦ୍ୟାଳୟରେ 'ସୁରକ୍ଷିତ ଶୈଶବ ସୁରକ୍ଷିତ ଭବିଷ୍ୟତ' ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି>। ଏହି କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକଅଦାଲତର ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବାବେଳେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ଆରକ୍ଷୀ ଅଧୀକ୍ଷକ ବନିତା ମାଝୀ, ମୁଖ୍ୟ ଆଇନସେବା ପ୍ରତିପକ୍ଷ ଓକିଲ ସାଜଦା ବେଗମ ଓ ମହାବିଦ୍ୟାଳୟର ପ୍ରାଧ୍ୟାପକ ବିନୟ କୁମାର ଶର୍ମା ପ୍ରମୁଖ ଯୋଗ ଦେଇଥିଲେ। ଏହା ସଙ୍ଗେସଙ୍ଗେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ବିଭିନ୍ନ ଯୋଜନା ଯଥା ମାଗଣା ଆଇନ ସେବା ଓ ପରାମର୍ଶ, ପୀଡ଼ିତ କ୍ଷତିପୂରଣ ଯୋଜନା, ମଧ୍ୟସ୍ଥତା ଓ ଲୋକ ଅଦାଲତ ମାଧ୍ୟମରେ ମାମଲା ର ସହଜ ଓ ସରଳ ସମାଧାନ ଇତ୍ୟାଦି ବିଷୟରେ ପ୍ରାଧିକରଣ ସଚିବ ଉପସ୍ଥିତ ସମସ୍ତଙ୍କୁ ଅବଗତ କରିଥିଲେ। ସବିଶେଷ ସୂଚନା ପାଇଁ ଜାତୀୟ ହେଲ୍ପଲାଇନ ନମ୍ବର ୧୫୧୦୦ କିମ୍ବା ସମ୍ମୁଖ କାର୍ଯ୍ୟାଳୟର ନମ୍ବର ୦୬୬୪୫-୨୭୩୪୭୦ ରେ ଯୋଗାଯୋଗ କରିପାରିବେ ବୋଲି ସଚିବ ପ୍ରାଧିକରଣ ସୂଚନା ପ୍ରଦାନ କରିଥିଲେ।

## ଝାରସୁଗୁଡା ବିଜେପିରେ ଗୋଷ୍ଠୀ କନ୍ଦଳ ତୀବ୍ର

# 'ଜିଲ୍ଲା ସଭାପତିଙ୍କ ବିରୋଧରେ ସମସ୍ତ ଅଭିଯୋଗ ମିଥ୍ୟା'

**ଝାରସୁଗୁଡା, ୨୨।୫(ସମିସ)**

ଝାରସୁଗୁଡା ଜିଲ୍ଲା ବିଜେପିରେ ଗୋଷ୍ଠୀ କନ୍ଦଳ ବୃଦ୍ଧି ପାଇବାରେ ଲାଗିଛି। ଝାରସୁଗୁଡା ଜିଲ୍ଲା ଲଖନପୁର ମଣ୍ଡଳ ବିଜେପି ସଭାପତି ଟିକେତ ସାହୁ ଜିଲ୍ଲା ସଭାପତିଙ୍କ ବରୋଧରେ ଆଣିଥିବା ଅଭିଯୋଗକୁ ବିରୋଧ କରି ଲଖନପୁର ମଣ୍ଡଳ ବିଜେପି ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଛି। କଦେଲପିଟାରେ ଅନୁଷ୍ଠିତ ଏହି



ସାମ୍ବାଦିକ ସମ୍ମିଳନୀରେ ଲଖନପୁର ମଣ୍ଡଳର ବରିଷ୍ଠ ସଦସ୍ୟ ନିରାକାର ବଡେଇ, ଉପସଭାପତି କୃଷ୍ଣ ଚନ୍ଦ୍ର ବେହେରାଙ୍କ ସହ ଲଖନପୁର ମଣ୍ଡଳ ବିଜେପି କାର୍ଯ୍ୟକର୍ତ୍ତା ଦୀପକ ହସ୍ତି, ଘନଶ୍ୟାମ ପୋଢ଼, ସୁବାଷ ବେହେରା, ଚୈତନ ବେହେରା, ଶିବ ଭୋଇ, ଉମାକାନ୍ତ ପଧାନ ପ୍ରମୁଖ ଉପସ୍ଥିତ ରହି ଲଖନପୁର ମଣ୍ଡଳ ସଭାପତି ଟିକେତ ସାହୁ ଜିଲ୍ଲା ସଭାପତି ରଘୁ ନନ୍ଦନ ପଣ୍ଡାଙ୍କ ବିରୋଧରେ ଆଣିଥିବା ଅଭିଯୋଗକୁ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି। ଜିଲ୍ଲା ସଭାପତିଙ୍କ ଉପରେ ମିଛ ଆରୋପ ଲଗାଇ ଲଖନପୁର ମଣ୍ଡଳ ସଭାପତି ରାଜ୍ୟ ସଭାପତିଙ୍କ ନିକଟକୁ ପତ୍ର ପଠାଇଥିବା ସେ ଅଭିଯୋଗ କରିଛନ୍ତି। ଟିକେତଙ୍କୁ ମଣ୍ଡଳ ସଭାପତି ପଦରୁ ଇସ୍ତଫା ଦେବା ପାଇଁ ମାନସିକ ଚାପ ଦେଉଥିବା, ମଣ୍ଡଳ ସଂଗଠନ ଭିତରେ ଗୋଷ୍ଠୀ ବିବାଦ ସୃଷ୍ଟିକରି ସଂଗଠନକୁ ଦୁର୍ବଳ କରୁଥିବା ନେଇ ଟିକେତ ଜିଲ୍ଲା ସଭାପତି ରଘୁ ନନ୍ଦନ ପଣ୍ଡାଙ୍କ ବିରୋଧରେ ଯେଉଁ ଅଭିଯୋଗ ଆଣିଛନ୍ତି ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ନିରାକାର ବଡେଇ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ବରଂ ସାଙ୍ଗଠନର ବିଭିନ୍ନ କାର୍ଯ୍ୟ ଟିକେତ ତୁଲାଇ ପାରୁନଥିବାବେଳେ ମଣ୍ଡଳର ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ସମ୍ମାନ ଦେଉନାହାନ୍ତି। ନିଜ ମନମୁଖୀ କାର୍ଯ୍ୟ କରି ଦଳର ନୀତି ନିୟମ ମାନୁ ନାହାନ୍ତି। ରାଜ୍ୟରୁ ଦିଆଯାଇଥିବା ପ୍ରଶିକ୍ଷଣ ଶିବିର, ଶକ୍ତି କେନ୍ଦ୍ର ମୁଖ୍ୟ, ପ୍ରଭାରୀ ତାଲିକା ପ୍ରସ୍ତୁତି, ମହିଳା ଜନ ଆକ୍ରୋଶ ସମାବେଶ ଆଦି ଆୟୋଜନ ପାଇଁ ମଣ୍ଡଳ ସଭାପତିଙ୍କୁ ବାରମ୍ବାର କହିବା ସତ୍ତ୍ୱେ ସେ ଏଥିରେ ବିଫଳ ହେବା ପରେ ଜିଲ୍ଲା ସଭାପତିଙ୍କ ନିର୍ଦ୍ଦେଶ ଅନୁଯାୟୀ, ସାଧାରଣ ସମ୍ପାଦକ ଭାବରେ ଦଳର ସମସ୍ତ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏହାକୁ ଆୟୋଜନ କରାଇବାରେ ମୁଁ ସହାୟକ ହେଲି ବୋଲି ନିରାକାର ବଡେଇ କହିଛନ୍ତି। ଟିକେତଙ୍କ ଏହି ମନମୁଖୀ କାର୍ଯ୍ୟ ଏବଂ ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ଅସହଯୋଗକୁ ଧ୍ୟାନ ଦେଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ମଣ୍ଡଳ ସଭାପତି ଦାୟିତ୍ୱରୁ ମୁକ୍ତ କରିବା ପାଇଁ ଜିଲ୍ଲା ସଭାପତି ଏବଂ ରାଜ୍ୟ ସଭାପତିଙ୍କୁ ପତ୍ର ଲେଖିଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି।

## ବ୍ରଜରାଜନଗର ବିଜେପି ମଣ୍ଡଳ ସଭାପତିଙ୍କୁ ଆକ୍ରମଣ

**ଝାରସୁଗୁଡା, ୨୨।୫(ସମିସ):** ଝାରସୁଗୁଡା ଜିଲ୍ଲା ବିଜେପିରେ ଚାଲିଥିବା ଅନ୍ତଃକନ୍ଦଳ ବୃଦ୍ଧି ପାଇ ହିଂସାର ରୂପ ନେଇଛି। ଆଜି କାର୍ଯ୍ୟକ୍ରମ ପୂର୍ବରୁ ବ୍ରଜରାଜନଗର ବିଜେପି ମଣ୍ଡଳ ସଭାପତିଙ୍କୁ ଆକ୍ରମଣ ଘଟଣା ଏହାକୁ ସ୍ପଷ୍ଟ କରିଛି। ଆକ୍ରମଣକାରୀ ଝାରସୁଗୁଡା ବିଜେପି ବିଧାୟକଙ୍କ ସମର୍ଥକ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ଝାରସୁଗୁଡା ମଙ୍ଗଳବଜାର ଅଞ୍ଚଳରେ ଶୁକ୍ରବାର ଗ୍ରେନ୍ ଏଟିଏମ ଉଦ୍‌ଘାଟନ ଚାଲିଥିବା ସମୟରେ ବ୍ରଜରାଜନଗର ବିଜେପି ମଣ୍ଡଳ ସଭାପତି ତପନ ସ୍ୱାଇଁଙ୍କୁ କିଛି ବ୍ୟକ୍ତି ଆକ୍ରମଣ କରିଥିବା ନେଇ ଝାରସୁଗୁଡା ଟାଉନଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି। ଅଭିଯୋଗକାରୀ ତପନ ସ୍ୱାଇଁଙ୍କ ସୂଚନା ଅନୁସାରେ, ବ୍ରଜରାଜନଗର ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଙ୍ଗଳବଜାରରେ ହେଉଥିବା ଗ୍ରେନ୍ ଏଟିଏମ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗ ଦେଉଥିବାରୁ ବ୍ରଜରାଜନଗର ସମସ୍ତ ବିଜେପି କାର୍ଯ୍ୟକର୍ତ୍ତାଙ୍କ ସହିତ ବ୍ରଜରାଜନଗର ବିଜେପି ମଣ୍ଡଳ ସଭାପତି ତପନ ସ୍ୱାଇଁ ମଧ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ଆଗରୁ ତପନ ସ୍ୱାଇଁ ଛିଡା ହୋଇଥିବା ବେଳେ ୧୦ ରୁ ୧୫ ଜଣ ଯୁବକ ଆସି ଝାରସୁଗୁଡା ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ବିରୋଧରେ ତୁ ପ୍ରେସ ମିଟ କରି ବିଧାୟକଙ୍କୁ ବଦନାମ କରୁଛୁ ବୋଲି କହି ମାଡ଼ ମାରିଥିଲେ। ଏହା ପରେ କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେପିକର୍ମୀମାନେ ହସ୍ତକ୍ଷେପ କରି କରିଥିଲେ।ଏହି ଘଟଣାକୁ ନେଇ ବ୍ରଜରାଜନଗର ମଣ୍ଡଳ ସଭାପତି ତପନ ସ୍ୱାଇଁ ଝାରସୁଗୁଡା ଟାଉନ ଥାନାରେ ମାମଲା ରୁଜୁ କରିଥିଲେ। ଝାରସୁଗୁଡା ଏସଡ଼ିପିଓ ଉମାଶଙ୍କର ସିଂଙ୍କ ସୂଚନା ଅନୁଯାୟୀ, ତପନ ସ୍ୱାଇଁ ମାମଲା ରୁଜୁ କରିଥିବା ବେଳେ ତାଙ୍କ ପ୍ରତିପକ୍ଷ ମଧ ପାଲଟା ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ଚାଲିଛି। ତଦନ୍ତ ପରେ ଘଟଣାର ସମସ୍ତ ବିବରଣୀ ଜଣାଇବୁ ବୋଲି ସେ ସୂଚନା ଦେଇଛନ୍ତି।

## ଚରିତ୍ର ସନ୍ଦେହ କରି ସ୍ତ୍ରୀକୁ ନିର୍ଯାତନା, ହତ୍ୟା ଉଦ୍ୟମ

**ଦେବଗଡ଼, ୨୨।୫(ସମିସ):** ବିବାହର ଦୀର୍ଘ ବର୍ଷ ପରେ ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ସ୍ତ୍ରୀକୁ ସ୍ୱାମୀ ନିର୍ଯ୍ୟାତନା ଦେବା ସହ ହତ୍ୟା ଉଦ୍ୟମ କରିବା ନେଇ ରିଆମାଳ ଥାନାରେ ପୀଡିତ ମହିଳା ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ରିଆମାଳ ଥାନା ପୁଲିସ ବିଭିନ୍ନ ଦଫାରେ ମାମଲା ରଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅନୁଗୁଳ ଜିଲ୍ଲା ପାଲଲହଡା ଥାନା ଅନ୍ତର୍ଗତ ଚଷାଗୁରୁଜାଙ୍ଗ ଗ୍ରାମର ଶରଦ ନାୟକ ନିଜ ଝିଅ ବବିତାଙ୍କୁ ଗତ ୨୦୧୯ ମସିହାରେ ରିଆମାଳ ଥାନା ଅନ୍ତର୍ଗତ ପାଲୁଣୀପଡ଼ା ଗ୍ରାମର ପ୍ରହ୍ଲାଦ ଲୁହାଙ୍କ ସହ ବୈଦିକ ରୀତିରେ ବିବାହ କରାଇଥିଲେ। ବିବାହର ଦୀର୍ଘ ବର୍ଷ ପରେ ସ୍ୱାମୀ ପ୍ରହ୍ଲାଦ ସ୍ତ୍ରୀ ବବିତାଙ୍କ ଚରିତ୍ର ଉପରେ ସନ୍ଦେହ କରି ନିର୍ଯାତନା ଦେବା ଆରମ୍ଭ କରିଥିଲା। ନିଜ ଘରୁ ବବିତାଙ୍କୁ ତଡି ଦେଇଥିଲେ। ଫଳରେ ବବିତା ଚଷାଗୁରୁଜାଙ୍ଗ ସ୍ଥିତ ନିଜ ବାପ ଘରକୁ ଯାଇ ଆଶ୍ରୟ ନେଇଥିଲେ। ଏ ସମ୍ପର୍କରେ ପାଲଲହଡା ଥାନାରେ ଅଭିଯୋଗ କରିଥିଲେ। ମାତ୍ର ସେଠାରେ ଉଭୟ ପକ୍ଷଙ୍କ ମଧ୍ୟରେ ମିଳାମିଶା ହେବାରୁ ବବିତା ନିଜ ସ୍ୱାମୀ ଙ୍କ ଘରକୁ ଫେରି ଆସିଥିଲେ। ତେବେ ଗତ ୧୧ ତାରିଖ ସନ୍ଧ୍ୟାରେ ସ୍ୱାମୀ ପ୍ରହ୍ଲାଦ ପୁଣି ଥରେ ନିଶାସକ୍ତ ଅବସ୍ଥାରେ ଘରକୁ ଆସି ସ୍ତ୍ରୀ ବବିତାର ଚରିତ୍ରକୁ ନେଇ ନିର୍ଯାତନା ଦେବା ସହ ଆଶଭ୍ୟ ଭାଷାରେ ଗାଳିଗୁଲଜ କରିଥିଲା। ଏପରିକି ଏକ କଟୁରୀ ସାହାଯ୍ୟରେ ହତ୍ୟା ଉଦ୍ୟମ କରିଥିଲା। ବବିତା କୌଶଳ କ୍ରମେ ନିଜ ଘରୁ ବାହାରି ଆସି ପଡୋଶୀଙ୍କ ଘରେ କିଛି ସମୟ ଆଶ୍ରୟ ନେବାପରେ ସମ୍ପର୍କୀୟ କାକା ବିଭୀଷଣ ଲୁହାଙ୍କ ଘରକୁ ପଳାଇଥିଲେ। ପରେ ଚଷାଗୁରୁଜାଙ୍ଗ ସ୍ଥିତ ନିଜ ବାପ ଘରକୁ ଚାଲିଆସିଥିଲେ। ଏନେଇ ବବିତା ରିଆମାଳ ଥାନାରେ ଲିଖିତ ଅଭିଯୋଗ କରିବାରୁ ରିଆମାଳ ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## 'ଜନଭାଗିଦାରୀ ସବୁଠାରୁ ଦୂର, ସବୁଠାରୁ ପ୍ରଥମେ' ଅଭିଯାନ



**ଦେବଗଡ଼, ୨୨।୫(ସମିସ):** ଗତ ୧୮ ତାରିଖ ଠାରୁ ଦେବଗଡ଼ ଜିଲ୍ଲାରେ ଆରମ୍ଭ ହୋଇଥିବା 'ଜନ ଭାଗିଦାରୀ ସବୁଠାରୁ ଦୂର, ସବୁଠାରୁ ପ୍ରଥମେ' ଅଭିଯାନର ଚତୁର୍ଥ ଦିବସରେ ଜିଲ୍ଲାର ତିଲେଇବଣି, ରିଆମାଳ ଏବଂ ବାରକୋଟ ପ୍ରମୁଖ ୩ ବ୍ଲକର ବିଭିନ୍ନ ଗ୍ରାମରେ ସଚେତନତା ଓ ସେବା ସନ୍ତୃପ୍ତି କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି। ତିଲେଇବଣି ବ୍ଲକ ଲଇମୁରା ଗ୍ରାମପଞ୍ଚାୟତର ପାଣିଭଣ୍ଡାର, ଦୁଧିଆନାଳି ଗ୍ରାମପଞ୍ଚାୟତର ମୁଣ୍ଡାଗୋହିରା, କଂସର ଗ୍ରାମପଞ୍ଚାୟତର ତେରେଣ୍ଡାକଟା ଗ୍ରାମରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିପରି ବାରକୋଟ ବ୍ଲକର ସରୁଆଳି ଗ୍ରାମପଞ୍ଚାୟତର ମହୁଲତା, ବିଜାଡିହି ଓ ସରୁଆଳି, ସଇଡ଼ା ଗ୍ରାମପଞ୍ଚାୟତର ଦେବୀଚୁଆଁ, କଣ୍ଟାପାଲି ଗ୍ରାମପଞ୍ଚାୟତର ଡଙ୍ଗାପାଳ ଓ ଟୁସୁଲା, କଦୋପଡ଼ା ଗ୍ରାମପଞ୍ଚାୟତର ମସିନିତା, ସିଂହସାଲ ଗ୍ରାମପଞ୍ଚାୟତର ସିଂହସାଲ, ବମ୍ପରଡ଼ା ଗ୍ରାମପଞ୍ଚାୟତର ମହୁଲିଡିହା, ରିଆମାଳ ବ୍ଲକ କର୍ଲଗା ଗ୍ରାମପଞ୍ଚାୟତର ଛଲକ, ଗୁଣ୍ଡିଆପାଲି ଗ୍ରାମପଞ୍ଚାୟତର ବୈଶ୍ୟପଡ଼ା, ଏବଂ ନୂଆଡିହି ଗ୍ରାମପଞ୍ଚାୟତର ମହାସିନ୍ଧୁ ଗ୍ରାମରେ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ବିଭାଗ ଦ୍ୱାରା ସନ୍ତୃପ୍ତି ଶିବିର ଆୟୋଜନ କରାଯାଇ ସରକାରୀ ଯୋଜନାର ଲାଭ, ଜନସଚେତନତା ସୃଷ୍ଟି, ସେବା ପ୍ରଦାନ ଏବଂ ଅଭିଯୋଗ ଶୁଣାଣି ଉପରେ ଗୁରୁତ୍ୱ ଦିଆଯାଇଥିଲା।

## ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ପୂର୍ବତନ ବିଧାୟିକାଙ୍କ ଦାବି

**ଝାରସୁଗୁଡ଼ା, ୨୨।୫ (ସମିସ):** ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ନାବାଳିକା ସହ ଘଟିଥିବା ଦୁର୍ଭାଗ୍ୟଜନକ ଦୁଷ୍କର୍ମ ମାମଲାରେ ପୋଲିସର ଦ୍ରୁତ କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା କରାଯାଇଛି। ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ତଥା ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସ ଏହି ମାମଲାରେ ମାତ୍ର ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତକୁ ଗିରଫ କରିଥିବାରୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏବଂ ଝାରସୁଗୁଡ଼ା ପୋଲିସ ପ୍ରଶାସନକୁ ଧନ୍ୟବାଦ ଜଣାଇବା ସହିତ ସହରରେ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରିବା ପାଇଁ ଝାରସୁଗୁଡା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବତନ ବିଧାୟିକା ଦୀପାଳୀ ଦାସ କହିଛନ୍ତି ଯେ, ପୁଲିସର ଏଭଳି ଦ୍ରୁତ ପଦକ୍ଷେପ ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ଘଟାଉଥିବା ଅପରାଧୀଙ୍କ ନିକଟକୁ ଏକ ଶକ୍ତ ବାର୍ତ୍ତା ପ୍ରେରଣ କରିବ। ଏଥି ସହିତ ଏହି ସମ୍ବେଦନଶୀଳ ଘଟଣାକୁ ନେଇ ଗଭୀର



ଚିନ୍ତା ପ୍ରକଟ କରିବା ସହ ଆଗାମୀ ଦିନରେ ସହରର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଶ୍ରୀମତୀ ଦାସ ଏସ୍‌ପିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଝାରସୁଗୁଡ଼ା ଏକ ପ୍ରମୁଖ ଶିଳ୍ପାଞ୍ଚଳ ହୋଇଥିବାରୁ ଏଠାରେ ଜନସଂଖ୍ୟା ଏବଂ ଲୋକଙ୍କ ଯାତାୟାତ ସର୍ବଦା ଅଧିକ ରହୁଛି। ତେଣୁ ନାଗରିକ, ବିଶେଷ କରି ମହିଳା, ଶିଶୁ ଓ ଛାତ୍ରଛାତ୍ରୀମାନଙ୍କ ସୁରକ୍ଷା ପାଇଁ ନିମ୍ନଲିଖିତ ପଦକ୍ଷେପଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ଗ୍ରହଣ କରିବାକୁ ସେ ଅନୁରୋଧ କରିଛନ୍ତି। ସହରର ସମ୍ବେଦନଶୀଳ ଅଞ୍ଚଳ, ଶିକ୍ଷାନୁଷ୍ଠାନ, ହଷ୍ଟେଲ, ମହିଳା କଲେଜ, ମୁଖ୍ୟ ଚିକିତ୍ସାଳୟ ଏବଂ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ବିଶେଷ କରି ସନ୍ଧ୍ୟା ଓ ରାତି ସମୟରେ ପୁଲିସ ପାଟ୍ରୋଲିଂକୁ ବ୍ୟାପକ କରାଯାଉ ବୋଲି ସେ ଦାବି କରିଛନ୍ତି। ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି କ୍ୟାମେରାଗୁଡ଼ିକର ତୁରନ୍ତ ଯାଞ୍ଚ କରାଯିବା, ଅଚଳ ଥିବା କ୍ୟାମେରାଗୁଡ଼ିକୁ ଯଥାଶୀଘ୍ର ସଚଳ କରାଯିବା, ସହରର ମୁଖ୍ୟ ରାସ୍ତା, ବଜାର, ରେଳ ଷ୍ଟେସନ, ବସ୍ ଷ୍ଟାଣ୍ଡ, ମୁଖ୍ୟ ଡାକ୍ତରଖାନା ଏବଂ ଅନ୍ୟାନ୍ୟ ପ୍ରମୁଖ ସ୍ଥାନଗୁଡ଼ିକରେ ଅଧିକ ସଂଖ୍ୟାରେ ନୂତନ ସିସିଟିଭି କ୍ୟାମେରା ସ୍ଥାପନ କରାଯିବା, ଭବିଷ୍ୟତରେ ଏଭଳି ଅପରାଧିକ ଘଟଣାର ପୁନରାବୃତ୍ତି ରୋକିବା ପାଇଁ ସୁରକ୍ଷା ତଦାରଖ ଏବଂ ପୁଲିସର ତୁରନ୍ତ ପ୍ରତିକ୍ରିୟା ବ୍ୟବସ୍ଥାକୁ ଅଧିକ ସକ୍ରିୟ କରାଯାଉ ବୋଲି ପୂର୍ବତନ ବିଧାୟିକା ଦୀପାଳି ଦାସ ଦାବି କରିଛନ୍ତି।

## ଆପ୍ରାଇଜ ଏଜୁକେସନାଲ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ମେଧାବୀଙ୍କୁ ସମ୍ବର୍ଦ୍ଧନା

**ଦେବଗଡ଼, ୨୨।୫(ସମିସ):** ଦେବଗଡ଼ ମହାବିଦ୍ୟାଳୟ ପରିସରସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମ ଠାରେ ଆଜି ଶିକ୍ଷାନୁଷ୍ଠାନ 'ଆପ୍ରାଇଜ ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଟ' ପକ୍ଷରୁ ମେଧାବୀଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଦନାର୍ଦ୍ଦନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥିଭାବେ ଅନୁଷ୍ଠାନର ଅଧ୍ୟକ୍ଷ ଜଗଦୀଶ ଚନ୍ଦ୍ର ବେହେରା, ସମ୍ପାଦକ ଶରତଚନ୍ଦ୍ର ବେହେରା, ପରିଚାଳନା ନିର୍ଦ୍ଦେଶକ ଦୀପାଂଶୁ ଶେଖର ପ୍ରଧାନ ଓ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ସାୱନ କୁମାର ପାଣିଗ୍ରାହୀ ପ୍ରମୁଖ ଯୁକ୍ତଦୁଇ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଜୀବନରେ ଶୃଙ୍ଖଳିତ ଆଚରଣକୁ ପାଥେୟ କରି ନିଜ ଲକ୍ଷ୍ୟସ୍ଥଳୀରେ ପହଞ୍ଚିବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ୨୦୦ ଜଣ ଛାତ୍ରଛାତ୍ରୀ ଯୁକ୍ତଦୁଇ



ବିଜ୍ଞାନ ପରୀକ୍ଷା ଦେଇଥିବାବେଳେ ୧୨ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତ ନମ୍ବର ସହ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୫୪ଜଣ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱର୍ ନମ୍ବର ରଖିଥିବାବେଳେ ୧୯୧ ଜଣ ପ୍ରଥମ ଶ୍ରେଣୀ, ୯ ଜଣ ଛାତ୍ରଛାତ୍ରୀ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବାସହ ଅନୁଷ୍ଠାନର ଶତ ପ୍ରତିଶତ ପାସ ହାର୍ ରହିଛି। ସେହିପରି ଅନୁଷ୍ଠାନର ଛାତ୍ରୀ ଅନୁପମା ବେହେରା ସର୍ବାଧିକ ୫୯୧ ନମ୍ବର ରଖି ଜିଲ୍ଲା ଟପ୍ପର ହୋଇଛନ୍ତି।

# ଓଡ଼ିଶାର ଦ୍ୱିତୀୟ 'ଅନ୍ନପୂର୍ତ୍ତି ଗ୍ରେନ୍ ଏଟିଏମ୍' ଲୋକାର୍ପିତ

**ଝାରସୁଗୁଡ଼ା, ୨୨।୫(ସମିସ)**

ଓଡ଼ିଶା ସରକାର ଏବଂ ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ମିଳିତ ସହଯୋଗରେ ହିତାଧିକାରୀଙ୍କୁ ଅତି ସହଜ, ସ୍ୱଚ୍ଛ ଏବଂ ଉନ୍ନତ ମାଧ୍ୟମରେ ଖାଦ୍ୟଶସ୍ୟ ଯୋଗାଇବା ପାଇଁ ଝାରସୁଗୁଡ଼ାଠାରେ ଲୋକାର୍ପିତ ହୋଇଯାଇଛି ପ୍ରଯୁକ୍ତିବିଦ୍ୟା ଆଧାରିତ 'ଅନ୍ନପୂର୍ତ୍ତି ଗ୍ରେନ୍ ଏଟିଏମ୍'। ଏହା ଓଡ଼ିଶାର ଦ୍ୱିତୀୟ ଏବଂ ସମଗ୍ର ଭାରତ ବର୍ଷର ତୃତୀୟ ଗ୍ରେନ୍ ଏଟିଏମ୍। ଏହି ଅତ୍ୟାଧୁନିକ ବ୍ୟବସ୍ଥାକୁ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ବୈଷୟିକ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏବଂ ଭାରତର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଉପ-ନିର୍ଦ୍ଦେଶିକା ନୋଜୋମି ହାସିମୋଟୋ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ, ମୁଖ୍ୟ କ୍ଷେତ୍ରୀୟ କାର୍ଯ୍ୟାଳୟର ହିଂମାଶୁ ବଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ବୈଷୟିକ ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି, ଖାଦ୍ୟ ବିନା ଯେମିତି କାହାରି ପେଟ ଉପାସ ନ ରହେ, ସେଥିପାଇଁ ଆମେ ସଂକଳ୍ପବଦ୍ଧ। ଏହି କ୍ରମରେ ରାଜ୍ୟ ସରକାରଙ୍କ ଏକ ବଡ଼ ଉପଲବ୍ଧି ସ୍ୱରୂପ ଏବେ ହିତାଧିକାରୀଙ୍କୁ ମୁଣ୍ଡ ପିଛା ୧୦ କିଲୋଗ୍ରାମ ଚାଉଳ ପ୍ରଦାନ କରାଯାଉଛି। ଏଥିସହିତ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ମାଧ୍ୟମରେ ଆହୁରି



ଅଧିକ ୫ କିଲୋଗ୍ରାମ ଲେଖାଏଁ ଚାଉଳ ଯୋଗାଇ ଦିଆଯାଉଛି। ଯାହା ଗରିବ ପରିବାର ଗୁଡ଼ିକୁ ଆର୍ଥିକ ଓ ସାମାଜିକ ସ୍ତରରେ ବେଶ୍ ସମୃଦ୍ଧ କରିବ। ହିତାଧିକାରୀମାନଙ୍କୁ ଯେପରି କୌଣସି ଅନାବଶ୍ୟକ ଶ୍ରମ କିମ୍ବା ସମସ୍ୟାର ସମ୍ମୁଖୀନ ହେବାକୁ ନପଡ଼ିବ, ସେଥିପାଇଁ ଖୁବ୍‌ଶୀଘ୍ର ରାଜ୍ୟର ପ୍ରତି ଜିଲ୍ଲାରେ ଏବଂ ବ୍ଲକସ୍ତରରେ ମଧ ଏହି ଗ୍ରେନ୍ ଏଟିଏମ୍ ସେବା ଉପଲବ୍ଧ କରାଯିବ। ଏହି ଯୋଜନା ଅଧୀନରେ ଆଗାମୀ ଦିନରେ ସମଗ୍ର ଓଡ଼ିଶାରେ ୫୫ଟି ନୂତନ ଗ୍ରେନ୍ ଏଟିଏମ୍ ସ୍ଥାପନ କରାଯିବାର ଲକ୍ଷ୍ୟ ରଖାଯାଇଛି। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ସରକାରଙ୍କ ଏହି ନୂତନ ଜନକଲ୍ୟାଣକାରୀ ପଦକ୍ଷେପ ଏବଂ ଖାଦ୍ୟ ଯୋଗାଣ ବିଭାଗର ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଝାରସୁଗୁଡ଼ାର ବିଧାୟକ ଟଙ୍କଧର ତ୍ରିପାଠୀ ଜିଲ୍ଲାରେ ଏହି ଅତ୍ୟାଧୁନିକ ବ୍ୟବସ୍ଥାର ଆରମ୍ଭକୁ ନେଇ ସରକାରଙ୍କୁ ସାଧୁବାଦ ଜଣାଇଥିଲେ। ଜିଲ୍ଲାର ସୁଦୂର ଗ୍ରାମାଞ୍ଚଳ ବିଶେଷ କରି ଲଇକେରା ବ୍ଲକର ଜନସାଧାରଣଙ୍କ ସୁବିଧା ପାଇଁ ସେଠାରେ ଖୁବ୍‌ଶୀଘ୍ର ଆଉ ଏକ ନୂତନ ଅନ୍ନପୂର୍ତ୍ତି ଗ୍ରେନ୍ ଏଟିଏମ୍ ସ୍ଥାପନ କରାଯାଉ ବୋଲି ସେ ପ୍ରସ୍ତାବ ରଖିଥିଲେ। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଉପ-ନିର୍ଦ୍ଦେଶିକା ନୋଜୋମି ହାସିମୋଟୋ ବିଶ୍ୱ ସ୍ତରରେ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଏହାର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ଭାରତର ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ଦ୍ରୁତ କରିବା ପାଇଁ ଏହା ଏକ ବିପ୍ଳବୀ ପଦକ୍ଷେପ ବୋଲି ସେ କହିଥିଲେ। ଜିଲ୍ଲାପାଳ କୁଣାଲ ମୋତିରାମ

**ନୂତନ ୫୫ଟି ଗ୍ରେନ୍ ଏଟିଏମ୍ ସ୍ଥାପନ ପାଇଁ ମନ୍ତ୍ରୀଙ୍କ ଘୋଷଣା**

ଚହ୍ୱାଣ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ସରବାହାଲ ଅଞ୍ଚଳର ହିତାଧିକାରୀ ସ୍ୱାଗତିକା ବେହେରା କହିଛନ୍ତି, 'ଆଜି ମୁଁ ଏହି ଏଟିଏମ୍ ମାଧ୍ୟମରେ ମୋର ୧୫ କିଲୋଗ୍ରାମ ଚାଉଳ ଅତି ସହଜରେ ପାଇଲି। ପୂର୍ବରୁ ଆମକୁ ଡିଲରଙ୍କ ପାଖରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିଲା। ବର୍ତ୍ତମାନ ଏହି ବ୍ୟବସ୍ଥା ଯୋଗୁଁ ଆମେ ଆମର ସୁବିଧା ଅନୁସାରେ ଯେକୌଣସି ସମୟରେ ଆସି ଖାଦ୍ୟଶସ୍ୟ ନେଇପାରିବୁ। ଏହା ଆମ ପାଇଁ ବହୁତ ବଡ଼ ସୁବିଧା ହୋଇଛି।

## ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ



**ଦେବଗଡ଼, ୨୨।୫ (ସମିସ):** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଭାରପ୍ରାପ୍ତଆରକ୍ଷୀ ଅଧିକ୍ଷକ ଧୀରଜ୍ ଚୋପଦାର, ଉପଜିଲ୍ଲାପାଳ ପରିକ୍ଷିତ ସାହୁ ଯୋଗଦେଇ ମଦ ବିକ୍ରୟ କରୁଥିବା ଢାବା ଗୁଡ଼ିକର ଯାଞ୍ଚ କରିବା ସହ ୪୯ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଜବର ଦଖଲ କରି ଖୋଲିଥିବା ଦୋକାନ ଗୁଡ଼ିକୁ ଚିହ୍ନଟ ଓ ଉଚ୍ଛେଦ କରିବା, ପୌରପରିଷଦରେ ଯାନ ବାହାନ ଚଳାଇବା ବେଳେ ଗାଡ଼ିର ବେଗ ନିୟନ୍ତ୍ରଣ କରିବା, ଗାଡ଼ି ଚଳାଇବା ବେଳେ ହେଲମେଟ, ସିଟବେଲ୍ଟ ବ୍ୟବହାର, ସରକାରଙ୍କ ନିୟମ ଅନୁସାରେ ନିର୍ଦ୍ଧାରିତ ଗତିରେ ଗାଡ଼ି ଚଳାଇବା, ନୂତନ କେନ୍ଦ୍ରୀୟ ବିଦ୍ୟାଳୟଠାରେ ଟ୍ରାଫିକ ନିୟନ୍ତ୍ରଣ, ପୌରପରିଷଦ ଡ୍ରେନେଜ୍ ଉପରେ ଉଠା ଦୋକାନ ଗୁଡିକ ଉଚ୍ଛେଦ କରିବା ଉପରେ ବିଶେଷ ଆଲୋକପାତ କରିଥିଲେ। ବୈଠକରେ ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ଓ ଗୃହ ବିଭାଜନ ଅଭିଷେକ ଓଝା, ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପୌରପରିଷଦ କଳିଙ୍ଗ ଆଶିଷ ଶତପଥି, ଟିପିଡବ୍ଲୁଓଡିଏଲ ନିର୍ବାହୀ ଯନ୍ତ୍ରୀ ରାଜୁ ସାହା, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଅବକାରୀ ଆରକ୍ଷୀ ଅଧିକ୍ଷକ ବାସନ୍ତୀ ପ୍ରଭା ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ସାମ୍ବାଦିକ ସିଦ୍ଧାର୍ଥ ଗୁରୁ, ସତ୍ୟନାରାୟଣ ମିଶ୍ର, କୁମୁଦ ବନ୍ଧୁ ଶତପଥିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

